
THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ




ଶାରୀରିକ ସାମର୍ଥ୍ୟରୁ ଶକ୍ତି ଆସେ ନାହିଁ, ଅଦମ୍ୟ ଇଚ୍ଛାରୁ ହିଁ ଶକ୍ତି ଉତ୍ପନ୍ନ ହୋଇଥାଏ ।
–ମହାତ୍ମା ଗାନ୍ଧି

♦ବର୍ଷ–୨ ♦ସଂଖ୍ୟା–୧୦ ♦ବରଗଡ଼ ♦ ୧୩–୧୯ ଜାନୁଆରୀ ୨୦୨୩ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE- 10♦BARGARH ♦ 13-19 JANUARY 2023 ♦RS.5/- ♦PAGE-8

ହକି ବିଶ୍ୱକପ୍ ଉଦ୍‌ଘାଟିତ: ବିଶ୍ୱ ଦେଖିଲା ଓଡ଼ିଶାର ଶକ୍ତି
ପୃଷ୍ଠା–୩➔



ଅଶ୍ଳୀଳତାରେ ଭରା ବିବାଦୀୟ ଗୀତ
ପୃଷ୍ଠା–୫➔




ଦିବ୍ୟାଙ୍ଗ ହେଲେ ବି ସକ୍ଷମ ଶୁଭଦ୍ରା
ପୃଷ୍ଠା–୭➔



ସ୍ନାନ ଓ ଦାନର ପର୍ବ ମକର ସଂକ୍ରାନ୍ତି
ପୃଷ୍ଠା–୮➔



# ହକି ପ୍ରେମରେ ମତୁଆଲା



ଭୁବନେଶ୍ୱର: କଟକ ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ଉଦ୍‌ଘାଟିତ ହୋଇଛି ପୁରୁଷ ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ । କ୍ରମାନ୍ୱୟରେ ଦ୍ୱିତୀୟ ଥର ହକି ବିଶ୍ୱକପ୍ ଆୟୋଜନ କରି ଓଡ଼ିଶା ହକି ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛି । ଏଥିସହିତ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ । କଟକର ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଏହି ମେଗା ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ପରେ ଏବେ ହକି ଷ୍ଟାଡିୟମ୍‌କୁ ଫେରିଛି ସମସ୍ତଙ୍କ ନଜର । ଓଡ଼ିଶାର ବିଭିନ୍ନ ସହର, ଏପରିକି ଗ୍ରାମାଞ୍ଚଳରେ ବି ଦେଖିବାକୁ ମିଳିଛି ହକି ମାନିଆ । କେଉଁଠି ମୁରୁଜ ଆଙ୍କି, ତ ଆଉ କେଉଁଠି ନାଚଗୀତ ଭିତରେ ସେଲିବ୍ରେଟ୍ କରିଛନ୍ତି ଛାତ୍ରଛାତ୍ରୀ । ଆମ ରାଜ୍ୟରେ ଜାତୀୟ କ୍ରୀଡ଼ାର ମହାକୁମ୍ଭ ଆୟୋଜନ ହେଉଥିବାରୁ ସବୁଠି ଉତ୍ସାହ ଓ ଉଦ୍ଦୀପନା । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ହୋଇଛି ଓଲି ଲ୍ୟାଣ୍ଡ । ଆଖି ଝଲସାଇଲା ଭଳି ଲାଇଟ୍ ସାଙ୍ଗକୁ ମନମୋହିଲା ଭଳି ପରିବେଶ । ଯେଉଁ ଦିନ ମ୍ୟାଚ୍ ନଥିବ ସେଦିନ ଏଠିକୁ ଯେକୌଣସି ଲୋକ ଯାଇପାରିବେ । ଭୁବନେଶ୍ୱର ଭଳି ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍ ଓ ପୁରୀ ବେଳାଭୂମିରେ ବି ହୋଇଛି ଆୟୋଜନ ।

ହକି ବିଶ୍ୱକପ୍ ପାଇଁ ସାରା ଭୁବନେଶ୍ୱରକୁ ସଜ୍ଜା ଯାଇଛି । ରାସ୍ତାକଡ଼ରେ ଫୁଲ ଗଛ ସମେତ କାନ୍ଥବାଡ଼କୁ ରଙ୍ଗ କରାଯାଇଛି । ସେହିପରି ହକି ଟିକେଟ୍ ଥିଲେ ମୋ ବସ୍‌ରେ ମାଗଣା ଯାତ୍ରା କରିପାରିବେ । ଏନେଇ କ୍ରୁଟ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ପର୍ଯ୍ୟଟନର ବିକାଶ ପାଇଁ ଏକାମ୍ରରେ ହେରିଟେଜ୍ ଅନ୍ ଇ–ରାଇଡ୍ ବ୍ୟବସ୍ଥା କରାଯାଇଛି । ନିଆରା ନିଆରା ଢଙ୍ଗରେ ହକିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମଠୁ ଆରମ୍ଭ କରି ସେଲିବ୍ରେସନ୍ କରୁଛନ୍ତି ସମଗ୍ର ଓଡିଶାବାସୀ । ତେବେ ବଲାଙ୍ଗୀରରେ ମଧ ଦେଖିବାକୁ ମିଳିଛି ଏଭଳି କ୍ରେଜ । ଯୁବ ବ୍ୟବସାୟୀ ହକି ବିଶ୍ୱକପ୍ କୁ ନେଇ ରାଉରକେଲାରେ ନୂତନ ଭାବେ ନିର୍ମାଣ ହୋଇଥିବା ବିର୍ସାମୁଣ୍ଡା ହକି ଷ୍ଟାଡିୟମକୁ ନିଜେ କେକରେ ତିଆରି କରିଛନ୍ତି । ଯାହାର ସାଇଜ ଦେଢ଼ ଫୁଟରୁ ଅଧିକ ରହିଛି । ଆଉ ଏହି କେକ୍‌କୁ କାଟି ବିଧାୟକ ନରସିଂହ ମିଶ୍ରଙ୍କ ସହ ସେଲିବ୍ରେସନ କରିଥିଲେ ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣା । ସେହିପରି ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ଇନଡୋର ଷ୍ଟାଡିୟମରେ ଧାନ ➔ପୃଷ୍ଠା–୭

## ସମ୍ପାଦକୀୟ

ଦି ଗ୍ରେଟ୍ ଆମେରିକାନ୍ ଡ୍ରିମ୍

# ଆସନ୍ତା ୧ରେ ବଜେଟ୍

## ଅପ୍ରେଲ ୬ ଯାଏ ଚାଲିବ ଅଧିବେଶନ

ନୂଆଦିଲ୍ଲୀ: ଜାନୁଆରୀ ୩୧ରୁ ଆରମ୍ଭ ହେବ ସଂସଦର ବଜେଟ ଅଧିବେଶ । ଏହା ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୬ ଯାଏ ଚାଲିବ । ବଜେଟ୍ ଅଧିବେଶର ଦ୍ୱିତୀୟ ଦିନ ଅର୍ଥାତ ଫେବ୍ରୁଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୩–୨୪ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ । ବଜେଟ୍ ଅଧିବେଶର ସମୟ ୬୬ ଦିନ ଥିବା ବେଳେ ଏହା ମଧ୍ୟରେ ନିୟମିତ ବ୍ରେକ ସହ ମୋଟ ୨୭ଟି କାର୍ଯ୍ୟ ଦିବସ ରହିଛି । ଏ ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସୂଚନା ଦେଇଛନ୍ତି । ବଜେଟ୍ ଅଧିବେଶନର ପ୍ରଥମ ଦିନରେ ଲୋକସଭା ଓ ରାଜ୍ୟସଭାର ସମସ୍ତ ସଦସ୍ୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେଣ୍ଟ୍ରାଲ ହଲରେ ସମ୍ବୋଧନ କରିବେ । ଅଗଷ୍ଟ ମାସରେ ଦେଶର ସର୍ବୋଚ୍ଚ ପଦରେ ବସିବା ପରେ ରାଷ୍ଟ୍ରପତି ପ୍ରଥମ ଥର ମିଳିତ ସଦନକୁ ସମ୍ବୋଧନ କରିବେ । ଜାନୁଆରୀ ୩୧ରୁ ଆରମ୍ଭ ହେବାକୁ ଥିବା ସଂସଦର ବଜେଟ୍ ଅଧିବେଶ ପ୍ରଥମେ ୧୩ ଫେବ୍ରୁଆରୀ ଯାଏ ଚାଲିବ । ଏହାପରେ ଫେବ୍ରୁଆରୀ ୧୪ରୁ ମାର୍ଚ୍ଚ ୧୨ ଯାଏ ବିଭାଗ ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟିର ବିଭିନ୍ନ କାମ ପାଇଁ ନିୟମିତ ବ୍ରେକ ରହିବଛ ଏହାପରେ ମାର୍ଚ୍ଚ ୧୩ରୁ ଏପ୍ରିଲ ୬ ଯାଏ ବଜେଟ ଅଧିବେଶର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ । ଅଧିବେଶର ➔ପୃଷ୍ଠା–୭

# ଚାଉଳ ପରେ ମିଶନ ଶକ୍ତି: ବିଜେଡି–ବିଜେପି କଳି

ଭୁବନେଶ୍ୱର: ରାଜ୍ୟରେ ଏବେ ଚାଉଳ ଓ ଏସ୍ଏଚ୍‌ଜି କଳି ତେଜିବାରେ ଲାଗିଛି । ଉଭୟ ଯୋଜନାକୁ ନେଇ ମୁହାଁମୁହିଁ ହୋଇଛନ୍ତି ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ବିଜେପି । ପୂର୍ବରୁ ମୋଦି ବନାମ ନବୀନ ଚାଉଳକୁ ନେଇ ବିଜେପି–ବିଜେଡି ମୁହାଁମୁହିଁ ହୋଇଥିବା ବେଳେ ଏବେ ମିଶନ ଶକ୍ତିରୁ ମାଇଲେଜ୍ ନେବାକୁ ମୁହାଁମୁହିଁ ହୋଇଛନ୍ତି । ସୁଧ ରିହାତି ପଛରେ ଶ୍ରେୟ ଲଢେଇ ଜାରି ରହିଛି । ୧୨୫ କୋଟି ଟଙ୍କାର ସୁଧ ଛାଡ଼ କାର୍ଯ୍ୟକ୍ରମ କରି ପୁଣି ଥରେ ମହିଳା କାର୍ଡ ଖେଳିଛନ୍ତି ବିଜେଡି ସୁପ୍ରିମ୍ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଆଉ ଏହାକୁ କାଉଣ୍ଟର କରି ବିଜେପି କରିଛି ସାମ୍ବାଦିକ ସମ୍ମିଳନୀ । ମିଶନ ଶକ୍ତିରେ ସୁଧ ଛାଡ଼ ପଛରେ ଶ୍ରେୟ କେନ୍ଦ୍ର ସରକାରଙ୍କର ବୋଲି ଦାବି କରିଛି ଦଳ । ଆବାସ, ମାଗଣା ଚାଉଳ ପରି ଏଠି ବି ଯୋଜନା ଚୋରି କରି ରାଜ୍ୟ ସରକାର ଶ୍ରେୟ ନେବାକୁ ଉଦ୍ୟମ କରୁଥିବା ଦଳ ଅଭିଯୋଗ କରିଛି ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର ମାଗଣା ଚାଉଳ ଦେବାକୁ ଘୋଷଣା କରିବା ପରେ ଶ୍ରେୟକୁ ନେଇ ଜୋର ହୋଇଛି ରାଜନୀତି । ଲୋକଙ୍କୁ କେନ୍ଦ୍ର ହିଁ ମାଗଣାରେ ଚାଉଳ ଦେଉଛି ବୋଲି ବାର୍ତ୍ତା ପହଞ୍ଚାଇବା ପାଇଁ ଚାଉଳକୁ ମୋଦୀ ବ୍ରାଣ୍ଡିଂ କରିବାକୁ ଯୋଜନା ହୋଇଥିବା ଜଣାପଡିଛି । ଏଥିପାଇଁ ଚାଉଳ ଓ ଗହମ ବଣ୍ଟନ ବେଳେ ଲୋକଙ୍କୁ ରସିଦ ଦେବାକୁ କୁହାଯାଇଛି । ଯାହାକୁ ନେଇ ପୁଣି ଥରେ ବିଜେଡି ଓ ବିଜେପି ମଧ୍ୟରେ ଆରମ୍ଭ ହୋଇଛି ବୟାନବାଜି । ଲୋକଙ୍କୁ ମାଗଣା ଚାଉଳ କେନ୍ଦ୍ରର ମୋଦୀ ସରକାର ଦେଉଛନ୍ତି । ଏଥିରେ ରାଜ୍ୟ





ସରକାରଙ୍କର କୌଣସି ଅବଦାନ ନାହିଁ । ଏହି ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର । ହିତାଧିକାରୀଙ୍କୁ ଚାଉଳ, ଗହମ ଦେବା ସମୟରେ ରସିଦ୍ ଦେବାକୁ ସବୁ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛି କେନ୍ଦ୍ର ଖାଦ୍ୟ ଯୋଗାଣ ମନ୍ତ୍ରାଳୟ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ଅଲଗା ରସିଦ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ଅଲଗା ରସିଦ ଦେବାକୁ କୁହାଯାଇଛି । ଏପରିକି ରସିଦରେ ମୋଦୀଙ୍କ ଫଟୋ ରଖିବା ପାଇଁ ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି । ଯାହାକୁ ନେଇ ଆରମ୍ଭ ହୋଇଛି ବ୍ରାଣ୍ଡିଂ ରାଜନୀତି । ଯେଉଁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଆଜି ପର୍ଯ୍ୟନ୍ତ ଲୋକଙ୍କୁ ଚାଉଳ ମିଳି ଆସୁଥିଲା, ସେହି ଯୋଜନାର ନାଁକୁ ପରିବର୍ତ୍ତନ କରି ଦେଇଛନ୍ତି କେନ୍ଦ୍ର ସରକାର । ମାଗଣା ଚାଉଳ ବଣ୍ଟନ ଯୋଜନାର ନୂଆ ନାଁ ହୋଇଛି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା । ଏହି ଯୋଜନାରେ ଲୋକଙ୍କୁ ପ୍ରତିମାସରେ ମୁଣ୍ଡ ପିଛା ୫ କିଲୋ ହିସାବରେ ଚାଉଳ ମାଗଣାରେ ମିଳିବ । ତେବେ କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ନାମ ପରିବର୍ତ୍ତନକୁ ସମାଲୋଚନା କରିଛି ବିଜେଡି । ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ସ୍କିମର ନାଁ ପରିବର୍ତ୍ତନ କରିଦେଲେ ଲୋକଙ୍କ ସମସ୍ୟା ତୁଟି ଯାଏନି କି ଲୋକଙ୍କ ପେଟ ପୂରି ଯାଏନି । କୋଭିଡର ପ୍ରଭାବ କମିନଥିଲେ ବି କୋଭିଡ୍ ପାଇଁ ମିଳୁଥିବା ୫ କେଜି ଚାଉଳକୁ କାହିଁକି ବନ୍ଦ କରିଦେଇଛି କେନ୍ଦ୍ର? ମୋଦିଙ୍କ ବ୍ରାଣ୍ଡିଂରେ କେନ୍ଦ୍ର ଚାଉଳ ବାଣ୍ଟିବାର ଯୋଜନା ପରେ ଏବେ ନୂଆ ମୋଡ଼ରେ ଚାଉଳ ଭୋଟ୍ ପଲିଟିକ୍ସ । ତେବେ ୟାକୁ କାଉଣ୍ଟର ପାଇଁ ବିଜେଡି ସରକାର କି ପଦକ୍ଷେପ ନେଉଛନ୍ତି, ତା ଉପରେ ନଜର ।

ରାଜ୍ୟର ଏସ୍ଏଚ୍‌ଜି ଗ୍ରୁପ ପାଇଁ କିଏ କେତେ ସହାୟତା ଦେଇଛି ? ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କାହାର ରହିଛି କେତେ ଅବଦାନ ? ଦିଆଯାଇଥିବା ଅର୍ଥିକ ସହାୟତାରେ କାହାର ଭାଗ କେତେ ? ଏହାକୁ ନେଇ ଏବେ ମୁହାଁମୁହିଁ ବିଜେଡି–ବିଜେପି । ୨୦୨୪ ସାଧାରଣ ନିର୍ବାଚନରେ ମହିଳାଙ୍କ ଭୋଟ ନିର୍ଣ୍ଣାୟକ ହେବାକୁ ଥିବାବେଳେ ମହିଳାଙ୍କ ସମର୍ଥନ ହାତେଇବାକୁ ଏବେଠୁ ଶାସକ ଓ ବିରୋଧୀଙ୍କ ଭିତରେ ଚାଲିଲାଣି ପ୍ରତିଯୋଗିତା । ମିଶନ ଶକ୍ତି ମାଆମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର ➔ପୃଷ୍ଠା–୭

THE AADHAR ODISHA
ଆଧାର ଓଡ଼ିଶା
୧୩-୧୯ ଜାନୁଆରୀ ୨୦୨୩



# ଦି ଗ୍ରେଟ୍ ଆମେରିକାନ୍ ଡ୍ରିମ୍

ଆମେରିକା ଖାଲି ତୁଚ୍ଛାଟାରେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଭାରତୀୟଙ୍କ ସପନ ଭୂଇଁ ହୋଇ ଯାଇ ନାହିଁ। କାହାରି ପୁଅ ବା ଝିଅ ଯଦି ଆମେରିକାରେ କାମ କରୁଛି, ତେବେ ସେଠାରେ ସିଏ ସଫ୍‌ଟୱେୟାର ଇଞ୍ଜିନିୟର ବା ଡାକ୍ତର କିମ୍ବା ଟ୍ୟାକ୍ସି ଡ୍ରାଇଭର କିମ୍ବା ନିମ୍ନ ଶ୍ରେଣୀର ହାଉସ୍‌କିପିଂ ଷ୍ଟାଫ୍ ଯାହା ଆମ ଚାଲୁ ଭାଷାରେ ଝାଡୁଦାର କିମ୍ବା ପାଇଖାନା ସଫାକଲାବାଲା କାର୍ଯ୍ୟ କରୁଥାଉ, ମାତ୍ର ଏ ଦେଶରେ ରହୁଥିବା ମାଆବାପାଙ୍କ ମନ କୁତୁକୁତୁ କହିଲେ ନ ସରେ। ପ୍ରଥମ କିଛି ଦିନ ତ ସେମାନଙ୍କ ତଣ୍ଟି ବଥେଇଲା ପର୍ଯ୍ୟନ୍ତ ଆମ ପିଲା ପରା ଆମେରିକାରେ ବୋଲି ବୁଲି ବୁଲି ରାସ୍ତାରେ ଚିହ୍ନା ପରିଚୟ ଯାହାକୁ ଦେଖିଲେ କହି ବୁଲନ୍ତି। ପ୍ରଥମ ପର୍ଯ୍ୟାୟ ଡିମିଡିମା ବଜା ସରିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ଲୋକର ଆଉ ଶୁଣିବାକୁ ଆଗ୍ରହ ନ ରହିବା ସ୍ୱାଭାବିକ। ତେଣୁ ମର୍ଣ୍ଣିଂ ଇଭିନିଂ ୱାକ୍‌ରେ ଯିବା ବେଳେ କିମ୍ବା ଚା' ଖଟିରେ କିମ୍ବା ପାର୍କରେ ବସିବା ବେଳେ ସାଙ୍ଗସାଥୀଙ୍କୁ କହନ୍ତି – 'ଆରେ, ଶୁଣୁନା..... ଏଇ ଆମ ନବି ଛବି ମ... ଦିନକୁ ଦି ତିନି ଥର ଲେଖାଏଁ ଫୋନ୍ କରି ରଖେଇ ଥୋଇ ଦେଉ ନାହାନ୍ତି। ଖାଲି କହୁଛନ୍ତି ଆମେ ଟିକେଟ୍ ପଠେଇ ଦେଉଛୁ... ବୋଉକୁ ଧରି ତୁମେ ଆସ ନନା....କିଛି ଦିନ ଏଠି ରହି କି ଯିବା। ହେଲେ, କୁଆଡେ ଯିବୁ ଯେ..ଏଠି ଘର ମୂଷା ଡୁଙ୍ଗେଇ ହେବ।''

ଆମେରିକାରେ ଅନଧିକୃତ ଭାବେ ରହୁଥିବା ଅନ୍ୟ ଦେଶର ନାଗରିକ କିଭଳି ଦୟନୀୟ ଭାବେ ବଞ୍ଚନ୍ତି ତାହା ଅଙ୍ଗେ ଲିଭାଇଥିବା ଅଥବା ନିଜ ଆଖିରେ ଦେଖିଥିବା ବ୍ୟକ୍ତି ହିଁ ବୁଝି ପାରିବ। ନିକଟ ଅତୀତରେ ଏଭଳି ଖବର ବି ଶୁଣିବାକୁ ମିଳିଛି ଯେ ଅନେକ ଲକ୍ଷ ଟଙ୍କା ବ୍ୟୟ କରି ସେଠାକୁ ପାଠ ପଢିବାକୁ ଯାଇଥିବା ଛାତ୍ରୀଛାତ୍ରଙ୍କ ଶିକ୍ଷାନୁଷ୍ଠାନର ପ୍ରପର ଡକ୍ୟୁମେଣ୍ଟେଶନ ଅଭାବ ହେତୁ ସେହି ଛାତ୍ରୀଛାତ୍ରଙ୍କ ଗୋଡରେ ଜିପିଏସ ଖଞ୍ଜା ବଳା ଇମିଗ୍ରେଶନ ବିଭାଗ ପିନ୍ଧାଇ ଦେଇଥିଲା ଯେପରି କି ସେମାନେ ଆଉ ଲୁଚୁଲୁଚାଣୀ ଖେଳ ଖେଳିପାରିବେ ନାହିଁ। ଇମିଗ୍ରେଶନ କର୍ମଚାରୀ ଯେତେବେଳେ ବି ଚାହିଁବେ ସେମାନଙ୍କୁ ଧରି ଜାହଜରେ ବସାଇ ଦେଇ ପାରିବେ। ଭିସା ଅବଧି କିମ୍ବା ଅନ୍ୟ କୌଣସି ଆଇନକାନୁନର ସାମାନ୍ୟ ଉଲ୍ଲଂଘନ ବି ସେଠାରେ ମଣିଷକୁ ଯନ୍ତୁରେ ପରିଣତ କରିଦିଏ ......କୁକୁର ଭଳି ବେକରେ ପଟି ନ ହେଲେ ବି ଗୋଡରେ ବନ୍ଧାହୁଏ। ଏହା ସତ୍ତ୍ୱେ ଅନେକ ଭାରତୀୟଙ୍କ ଲାଗି ଆମେରିକା ହେଉଛି ଅଳକାପୁରୀ ଯେଉଁଠି ସୋମରସର ଝରଣା, ରମ୍ଭା, ମାନେକା, ଉର୍ବଶୀଙ୍କ ପରି ଲଳନା ଓ ଗନ୍ଧର୍ବଙ୍କ ତାନ ଥାନେ ଥାନେ ଏଇଠି ସେଇଠି ସବୁଠି ଉପଲବ୍ଧ। ତେବେ ଅଳକାପୁରୀର ଲାଳସା ଖାଲି ଯେ ଆମେରିକା ଭିତରେ କେମିତି ବି ହେଉ ଗଳିପଶି ଯିବାକୁ ଉସୁକାଉଛି ତାହା ନୁହେଁ, ସେଠି ଯେ କୌଣସି ବ୍ୟକ୍ତିକୁ ନିଜ ଶ୍ରମ, ବୁଦ୍ଧି, ଜ୍ଞାନକୌଶଳରେ ନିଜ ସ୍ୱପ୍ନ ସାକାର କରିବାର ସୁଯୋଗ ମିଳୁଛି। ଭାରତରେ ଦୁର୍ନୀତିଗ୍ରସ୍ତ, ପ୍ରିୟାପ୍ରୀତି ତୋଷଣକାରୀ, ଜାତିଗତ ସଂରକ୍ଷଣ ଓ ଚାମ୍‌ଚାଗିରି ଅଧ୍ୟୁଷିତ ବ୍ୟବସ୍ଥାରେ କୋଠଠେସା ହୋଇଯାଉଥିବା ଅନେକ ମେଧାବୀ ବ୍ୟକ୍ତିତ୍ୱ ଆମେରିକା ଯାଇ ସେଠି ତୁଙ୍ଗ ପଦବୀରେ ଆସୀନ ହୋଇପାରୁଛନ୍ତି। ମାଇକ୍ରୋସଫ୍ଟ, ଗୁଗୁଲ ଭଳି ଶୀର୍ଷସ୍ତରୀୟ ଆମେରିକାନ୍ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଜଣେ ଜଣେ ଭାରତୀୟ।


ତେବେ ସତ୍ୟ ନାଦେଲା ହୁଅନ୍ତୁ ବା ସୁନ୍ଦର ପିଚାଇ, ଶାନ୍ତନୁ ନାରାୟଣ, ଅରବିନ୍ଦ କ୍ରିଷ୍ଣା ଅଥବା ଲିନା ନାୟାର କିମ୍ବା ଇନ୍ଦ୍ରା ନୂୟି ଏମାନେ ସମସ୍ତେ ନିମ୍ନ ମଧ୍ୟବିତ୍ତ କିମ୍ବା ମଧ୍ୟବିତ୍ତ ପରିବାରର ଦାୟାଦ୍। କିନ୍ତୁ ଏହି ସପ୍ତାହରେ ଆମେରିକାର ଟେକ୍ସାସ୍ ରାଜ୍ୟରେ ବିଚାରପତି ଭାବେ ଏଭଳି ଜଣେ ବ୍ୟକ୍ତି ଶପଥ ନେଇଛନ୍ତି ଯିଏ ତାଙ୍କର ସମ୍ପୂର୍ଣ୍ଣ ବାଲ୍ୟ ଓ କିଶୋର ଅବସ୍ଥା ବିଡି ବୋଳା ଶ୍ରମିକ ଏବଂ ଯୌବନ ହୋଟେଲ ପରିଚାରକ ଭାବେ ବିତାଇଛନ୍ତି। ବିଚାରପତି ଜଣକ ହେଲେ ସୁନ୍ଦେରନ୍ ପଟେଲ। କେରଳଜନ୍ମିତ ସୁନ୍ଦେରନ୍ ପିଲାବେଳୁ ଅର୍ଥାଭାବରୁ ସ୍କୁଲ ଡ୍ରପଆଉଟ୍ ହୋଇ ନିଜ ଭଉଣୀ ସହ ବିଡି ଶିଶୁ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ କିଶୋର ଅବସ୍ଥା ସରୁ ନ ସରୁଣୁ ତାଙ୍କ ଭଉଣୀଙ୍କ ଅକାଳ ମୃତ୍ୟୁ ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ଆଇନ ବ୍ୟବସ୍ଥା ସେହି ମୃତ୍ୟୁକୁ ଆତ୍ମହତ୍ୟା ବୋଲି କହିଲେ ବି ସୁନ୍ଦେରନ୍ ତାହାକୁ ସ୍ୱୀକାର କରି ପାରି ନ ଥିଲେ। ତେଣୁ ସେ ଜଣେ ଓକିଲ ହେବେ ବୋଲି ନିଷ୍ପତ୍ତି ନେଇ ବିଡି କାରଖାନାରେ ନିଜ କାର୍ଯ୍ୟକୁ ପାର୍ଟ ଟାଇମ୍ କରି ପୁଣି ପାଠ ପଢିବାକୁ ଆରମ୍ଭ କରିଥିଲେ। ସ୍କୁଲ କଲେଜ ପଢା ପରେ ବିଡି ଶ୍ରମିକ କାର୍ଯ୍ୟ ଛାଡି ହୋଟେଲ ପରିଚାରକ ଭାବେ କାର୍ଯ୍ୟ କରି ଆଇନ ପାଠ ପଢିଲେ। ଏହାପରେ କେରଳ ହାଇକୋର୍ଟରେ, ପରେ ସୁପ୍ରିମକୋର୍ଟରେ ଜୁନିୟର ଆଡଭୋକେଟ୍ ଭାବେ କାର୍ଯ୍ୟ କଲେ। ନର୍ସ ଭାବେ କାର୍ଯ୍ୟରତ ତାଙ୍କ ଧର୍ମପତ୍ନୀ ଆମେରିକା ଯିବା ପରେ ତାଙ୍କ ସହ ଆମେରିକା ଗଲେ। ସେଠି ବାର୍ ପରୀକ୍ଷା ଦେଇ କୃତକାର୍ଯ୍ୟ ହେବା ପରେ ସେଠି ଆଇନ ବ୍ୟବସାୟ ଆରମ୍ଭ କଲେ। ୨୦୧୭ରେ ସେଠାକାର ନାଗରିକତ୍ୱ ପାଇଲେ। ଏବେ ସେଠି ସେ ବିଚାରପତି। ଏହି ପ୍ରକାରେ ନିଜ ପ୍ରତିଭା ଓ ରୁଚି ମୁତାବକ ସ୍ୱପ୍ନ ସାକାର କରିବାର ସୁଯୋଗ ହିଁ ତିଆରି କରିଛି ଦି ଆମେରିକାନ୍ ଡ୍ରିମ କନ୍‌ସେପ୍ଟ।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା ଲାଗି ଲେଖା ପଠାଇବା ଠିକଣା**
ଇମେଲ୍- aadharodisha8@gmail.com
ଯୋଗାଯୋଗ-ଫ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# ସ୍ଖଳିତ ସଂସ୍କୃତି

ପ୍ରଭାସ କୁମାର ରାଉତରାୟ

ବାଟ ଖୋଜିବା ଓ ଠିକ୍ ବାଟ ପାଇବା ପ୍ରଭୁ କୃପା ଓ ବ୍ୟକ୍ତିତ୍ୱ ଅନ୍ତର୍ଗତ କଥା । ମଇଳା ମନ ଓ ଭାବ, ବାହାରକୁ ଯେତେ ଚିକିମିକି ଦିଶୁଥିଲେ ବି ଠିକ୍ ମାର୍ଗ ବା ବାଟରେ କୁ ପଡ଼ିଥାଏ ? ତେବେ ବାଟ, ବାଟ ଖୋଜା ଓ ପାଇବାର ସଙ୍କଟ ଓ କ୍ଲିଷ୍ଟତାର ଏକ ସମାଧାନ ଧର୍ମରାଜ ଯୁଧିଷ୍ଠିର ମହାରାଜ, ଧର୍ମବକଙ୍କ ପ୍ରଶ୍ନ, ''କା ପନ୍ଥାଃ''ର ଉତ୍ତରରେ ଦେଇଥିଲେ । ସେ କହିଲେ, ''ମହାଜନଃ ଯେନ ଗତଃ ସ ପନ୍ଥାଃ'' । ଗୀତାରେ କୃଷ୍ଣ ବି ସେଇକଥା ପରୋକ୍ଷରେ କହିଲେ, ''ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ । ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ।'' ଏବେ ପ୍ରଶ୍ନ ଉଠେ ମହାଜନ କିଏ ? ୟା'ର ଏକ ସରଳ ଉତ୍ତର ହେଲା ସମାଜରେ ସ୍ୱୀକୃତ ଓ ପ୍ରତିଷ୍ଠିତ ପ୍ରଜ୍ଞାଶୀଳ ବ୍ୟକ୍ତିତ୍ୱ, ସର୍ବୋଚ୍ଚ ଶାସନାଧିକାରୀ । ''ମୁନି ଗୋଟିକେ ମତ ଗୋଟିଏ'' । କଥାଟା ସତ ହେଲେ ବି ୟେ ମାର୍ଗର ଯଥାର୍ଥତାକୁ କୋଉ ଅବୋଧ କରେ ? ବୁଦ୍ଧ, ଯିଶୁ, ମହମ୍ମଦ ପ୍ରମୁଖ ଧର୍ମ ପ୍ରବର୍ତ୍ତକଙ୍କ ଲକ୍ଷ୍ୟ ତ ଗୋଟିଏ । ''ଦଉଡ଼ି ବାଉଁଶ ନଇ, ଛାତ ଉପରକୁ ବାଟ ଅଟଇ, ମୋ ବାଇଧନ, ଧର୍ମଯାକ ବାଟ କହି ।'' ରୁଚି ଅନୁଯାୟୀ ଯାହାକୁ ଯୋଉ ବାଟ ସୁଖ ଲାଗିଲା ସେ ସେବାଟରେ ଯାଉ, ଯାଇଛନ୍ତି ଓ ଯାଉଛନ୍ତି ମଧ୍ୟ । ଏବେ ବି ଅନୁକୂଳଚନ୍ଦ୍ର, ସତ୍ୟସାଇ ପ୍ରମୁଖ ମହାତ୍ମା ହିନ୍ଦୁ ଧର୍ମାନୁଗତ ହେଲେ ବି ଉପାସନା, ଚଳଣିର ଭିନ୍ନ ଭିନ୍ନ ମାର୍ଗ ପ୍ରଦର୍ଶନ କରିଛନ୍ତି ଓ ଯାହାକୁ ଯାହା ରୁଚିଲା ଲୋକ ତଦନୁସାରେ ପ୍ରବୃତ୍ତ ହେଉଛନ୍ତି । ଲୋକ ମତ କେମିତି ବଦଳୁଛି ତା'ର ଏକ ବୌଦ୍ଧିକ ଉଦ୍ଧୃତି ଏଠାରେ କରାଯାଉଛି ।



ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ବେଳେ ପୁରୀ ବୀରହରେକୃଷ୍ଣପୁର ବ୍ରାହ୍ମଣ ଶାସନରେ ସେ କେତେକ ପଣ୍ଡିତଙ୍କ ସହ ପଞ୍ଚସଖା ନୀଳକଣ୍ଠଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ । ସେ ସଭାକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ କବିଚନ୍ଦ୍ର ପଣ୍ଡିତ ଭୁବନେଶ୍ୱରଙ୍କୁ ଗାନ୍ଧୀ, ତାଙ୍କର ହରିଜନ ଆନ୍ଦୋଳନ ବିଷୟରେ ମତ ପଚାରିବାରୁ ସେ କହିଥିବା ବକ୍ତବ୍ୟର ଇଏ ଅଂଶ, ଉଦ୍ଧୃତି ମାତ୍ର । ''ବର୍ତ୍ତମାନ ଧର୍ମର ସ୍ୱରୂପ ଦେଖାଯାଉ । ''ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ, ମହାଜନଃ ଯେନ ଗତଃ ସ ପନ୍ଥାଃ'' ସ୍ଥୂଳ ଅର୍ଥ ହେଲା, ଧର୍ମତତ୍ତ୍ୱ ଗହନ ସାଧାରଣ ବୋଧଗମ୍ୟ ନୁହେଁ, ତେଣୁ ମହାତ୍ମାଙ୍କ ଆଶ୍ରିତ ପନ୍ଥା ହିଁ ଧର୍ମ ମାର୍ଗ, ତାହା ହିଁ ମଧ୍ୟ ଘଟୁଚି । ବୈଦିକ ସଭ୍ୟତାର ବହୁକାଳ ପରେ ପୌରାଣିକ ବ୍ରାହ୍ମଣ୍ୟ ଧର୍ମ ବା ଯଜ୍ଞ-ପ୍ରଧାନ ଧର୍ମର ପ୍ରଚଳନ ହେଲା । ଯଜ୍ଞ ନାମରେ ପଶୁ ହତ୍ୟା ହେଲା, ଆର୍ବିଭାବ ହେଲା ଜୀବହିଂସାରେ ବ୍ୟଥିତ ବୁଦ୍ଧଦେବଙ୍କର । ରାଜା-ପ୍ରଜା ବୌଦ୍ଧ ହେଲେ । ଭାରତ ବାହାରକୁ ବ୍ୟାପିଗଲା ଏ ଧର୍ମ । ଜନତା ମଧ୍ୟ ଏହାକୁ ଆଦର କଲା । କେତେ ଶତାବ୍ଦୀ ପରେ ଆର୍ବିଭାବ ହେଲା ଆଚାର୍ଯ୍ୟ ଶଙ୍କରଙ୍କର । ବେଦାନ୍ତ ମତ ପ୍ରଧାନ ଧର୍ମର ପ୍ରଚାର ହେଲା । ସବୁଧର୍ମର ଅସ୍ତକାଳ ପରି ବୌଦ୍ଧ ଧର୍ମରେ କଳୁଷତା ପ୍ରବେଶ କରିଯାଇଥିଲା । ବୌଦ୍ଧ ଧର୍ମକୁ ବେଦବିରୁଦ୍ଧ ନାସ୍ତିକ କୁହାଗଲା । ପୁଣି ସେହି ଜନତା ନୂତନ ଧର୍ମକୁ ସ୍ୱାଗତ କଲା । ଫଳରେ ଏ ଭୂମିରୁ ନିର୍ବାସିତ ହୋଇଗଲା ବୌଦ୍ଧ ଧର୍ମ । କେତେ ଶତାବ୍ଦୀ ଏହିପରି ଚାଲିବା ପରେ ଶ୍ରୀଚୈତନ୍ୟଙ୍କର ଆର୍ବିଭାବ ହେଲା । ସେ ଭକ୍ତିପ୍ରଧାନ ଭାଗବତ ଧର୍ମର ପ୍ରଚାର କଲେ । କହିଲେ, ''ଆଚାର୍ଯ୍ୟ ନିଜ ଉଦ୍ଦେଶ୍ୟ ସିଦ୍ଧି ଓ ବୌଦ୍ଧଧର୍ମର ନିରାକରଣ ପାଇଁ ବେଦର ଅର୍ଥ କରିଛନ୍ତି, ଯାହା ଯଥାର୍ଥ ନୁହେଁ ।'' ସେହି ଜନତା ପୁଣି ଏହି ମତକୁ ସ୍ୱାଗତ କଲା । ଆକୁମାରୀ ହିମାଳୟ ନାମ ସଂକୀର୍ତ୍ତନରେ ମତ୍ତ ହେଲା ।''

ଏବେ ଚଳଚ୍ଚିତ୍ର ତାରକା, କ୍ରିକେଟ ଖେଳାଳି ଓ ରାଜନେତାମାନେ ଆଦର୍ଶ ବା ପନ୍ଥା ନିର୍ଦ୍ଧାରକ ହେଉଛନ୍ତି । ତଦନୁସାରେ ଫଳ ବି ଫଳୁଛି । ଏବର ବର୍ଦ୍ଧିଷ୍ଣୁ ହତ୍ୟାକାଣ୍ଡ, ହିଂସା ଓ ଧର୍ଷଣ ଆଦିର କାରଣ ଖୋଜିଲେ, ଏହା ଶାସନଚକ୍ର ଓ ଶାସକଙ୍କ ଆଡ଼କୁ ମୁହାଁଏ । ଜଣେ ରେଜିଷ୍ଟ୍ରିବିଭା ମହିଳା, ରେଜିଷ୍ଟ୍ରିର ବହୁ ମାସ ପରେ ଚଉଠି ରାତି ବୋହୂ ବେଶ ହୋଇ, ଶ୍ୱଶୁର ଘର ଦ୍ୱାର ବନ୍ଧରେ ଧାରଣା ଦେଲେ । ତାଙ୍କ ଡାକ୍ତର ସ୍ୱାମୀ ତାଙ୍କୁ ଆଉ ଗ୍ରହଣ ନ କରିବାରୁ ସେ ଏ ପନ୍ଥା ଗ୍ରହଣ କଲେ ବୋଲି ବୟାନ ଦେଲେ । ସତେ ଯେମିତି ସେ ଶ୍ୱଶୁରଙ୍କ ଅନୁମତିରେ ଓ ସ୍ୱୀକୃତିରେ ଏ ବିବାହ କରିଥିଲେ! ତା' ପରେ କଥା ଅଦାଲତକୁ ଗଲା । ମାନନୀୟ ଅଦାଲତ ବି ସ୍ୱତନ୍ତ୍ର ବାସର ରାତି ଡାକ ବଙ୍ଗଳାରେ ବ୍ୟବସ୍ଥା କଲେ । ଶେଷରେ ଶ୍ୱଶୁର ଘରେ ସେ ରହିପାରିବେ ବୋଲି ମାନ୍ୟବର ଅଦାଲତ ରାୟ ଦେଲେ । ଏମିତି ମହିଳାଙ୍କ ପାଇଁ ଇୟେ ବଡ଼ ଉତ୍ସାହପ୍ରଦ ରାୟ । ସେ ଏବେ ଶ୍ୱଶୁର ଘରେ ପ୍ରଶାସନର ବଳରେ ପ୍ରବେଶ କଲେ। ଶ୍ୱଶୁର କିନ୍ତୁ ରାତିରେ ଘର ଛାଡ଼ିଦେଲେ ବୋହୂ ଡରରେ । କାଳେ ସେ ଆଉ କୋଉ ଦଫା ଲଗାଇ ତାଙ୍କ ନାଁରେ ଏତେଲା ଦେଇଦେବେ, ସିଧା ଜିଅଲକୁ ଯିବେ । ତାଙ୍କୁ ଦେଖାଦେଖି ଉତ୍ସାହିତ ହୋଇ ଆଉ ଜଣେ ମହିଳା ନିଜ ହକ୍ ପାଇବା ପାଇଁ ସ୍ୱାମୀଙ୍କ ଦୋକାନ ଆଗରେ ଏବେ ଧାରଣା ଦେଉଛନ୍ତି ବିଧବା ମା'ଙ୍କ ସହ । ପୁଲିସ ଆସି ଦୋକାନ ବନ୍ଦ କରି ଦୁହିଁଙ୍କି ଥାନାକୁ ନେଇଛନ୍ତି । ମହିଳାଙ୍କ ଦେଢ଼ଶୁର କହିଛନ୍ତି ଯେ ଏ ବିଚ୍ଛେଦ ମାମଲା ଅଦାଲତରେ ଚାଲିଥିବା ବେଳେ ଇଏ କାହିଁକି ଧାରଣାରେ ଏଠି ବସିଛନ୍ତି ? ଅବଶ୍ୟ ୟେ ଶ୍ୱଶୁର ଘର ଆଗରେ ନ ବସି ସ୍ୱାମୀଙ୍କ ଦୋକାନ ଆଗରେ ବସିଛନ୍ତି । ଘଟଣା ଯେଭଳି ଗତି କରୁଛି ଓ 'ତାମସା' ଢଙ୍ଗୀୟ ହେଉଛି ସେଥିରେ ଏଭଳି ଘଟଣାମାନ ଲଜ୍ଜାହୀନ ଭାବେ ବଢ଼ିଚାଲିବ । ଶ୍ୱଶୁର ଘରର ଅର୍ଗଳକୁ ଡେଇଁ କୋଉ ସ୍ୱାମୀ ପରିତ୍ୟକ୍ତା ମହିଳା ଯେ ଶ୍ୱଶୁର ଘର ଚାଳ ମଥାନ ଉପରେ ନ ବସିବ, ତା'ପରେ ତାକୁ ତଳକୁ ଓହ୍ଲାଇବାକୁ ଫାୟାର ବ୍ରିଗେଡ (ଦମକଳ ବାହିନୀ)କୁ ଡକାଯିବା ଅବସ୍ଥା ଯେ ନ ହେବ କିଏ କହିବ ? ଶ୍ରୀରାମ ନିର୍ଦୋଷ ପତ୍ନୀଙ୍କୁ ବଣକୁ ତଡ଼ିଦେଲେ । ସେ କୋଉ ଫେରିଆସି ଧାରଣା ଦେଲେ ନା ମୁନିଙ୍କ ଘରେ ପହଞ୍ଚିଲେ । ନିର୍ଦୋଷ, ଇନ୍ଦ୍ରଙ୍କ କପଟତାର ଶିକାର ସ୍ତ୍ରୀ ଅହଲ୍ୟାଙ୍କୁ ପ୍ରତ୍ୟାଖ୍ୟାନ କରି ସ୍ୱାମୀ ଗୌତମ କଠୋର ଦଣ୍ଡ ଦେଲେ । ଖରା ବର୍ଷାରେ ପଥର ପରି ପଡ଼ି ରହିବାର ଆଦେଶ ଦେଲେ । ସେ ବି ସତରେ ପଡ଼ି ରହିଲେ ଓ ରାମରାମ ଜପି ଦସ୍ୟୁ ରତ୍ନାକର ଉଇ ହୁଙ୍କା ବନିବା ପରି ପଥର ବନିଗଲେ ।ସେତେବେଳେ ଅବଶ୍ୟ ସ୍ୱାମୀ ପ୍ରତ୍ୟାଖ୍ୟାନର ଉଦାହରଣ କାଁ ଭାଁ ଥିଲା । ଆଜିକାଲି ପରି ହାଉଯାଉ କାଇଁ ଥିଲା ?

ଦି' ମହିଳାଙ୍କ ଲକ୍ଷ୍ୟ ଅବଶ୍ୟ ଏକ, ମାତ୍ର ବାଟଟା ଟିକିଏ ଅଲଗା । ସେ ଯାହାହେଉ ଏମିତି ଘଟଣାମାନ ଏବେ ବଢ଼ି ଚାଲିବ । ଏକୁ କୋଉ ଅଦାଲତ କେତେ ରୋକିବେ, ନୈତିକ ସ୍ଖଳନ ଓ ପତନ ହେଲେ, ତାକୁ ରୋକିବା ବା ନିରାକରଣ ପନ୍ଥା ପୁଲିସି ବା ଆଇନବଦ୍ଧ ଆଦୌ ନୁହଁ । ଏ ପ୍ରଶ୍ନ ସବୁ ଆସିଲେ ଆଙ୍ଗୁଠି ଉଠିଯାଏ ସରକାର ଓ ନେତାମାନଙ୍କ ଆଡ଼କୁ । ଆଦର୍ଶ, ସ୍ୱଚ୍ଛତା ଓ ନୈତିକତାର ଧାର ଧାରୁ ନ ଥିବା ନେତାଙ୍କ ଜୀବନଶୈଳୀ ଓ ରୁଚିର ପ୍ରଭାବ ଦୃଢ଼ଭାବେ ଲୋକଙ୍କ ଉପରେ ପଡ଼େ ଓ ପଡୁଛି । ବୃଦ୍ଧ ବାପମା'ମାନଙ୍କ ପାଇଁ ବୃଦ୍ଧାଶ୍ରମ ନିର୍ମାଣ କ'ଣ ପ୍ରତିକାର କରି ପାରିବ ? ସବୁ ପୁଅ ସବୁ ବାପାଙ୍କୁ ଏ ଆଦର୍ଶ ବୃଦ୍ଧାଶ୍ରମକୁ ତଡ଼ିଲେ, ସରକାର ଯୋଗାଇ ପାରିବେ ତ ବୃଦ୍ଧାଶ୍ରମ ? ଏବେ କିନ୍ତୁ ଆସାମ ସରକାର ଆଉ ଏକ ପ୍ରୋତ୍ସାହନକାରୀ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ବାପା ମା'ଙ୍କୁ ହତାଦର, ଅନାଦର କରିବାର ଏକ ଯୁଗରେ ଆସାମ ସରକାରଙ୍କ ଏ ଘୋଷଣା ''ଲଙ୍କାରେ ହରି ଶବ୍ଦ'' ପରି ବିସ୍ମୟକର ବି ହୋଇଛି । ବାପାମା'ଙ୍କ ସେବା ପାଇଁ ପ୍ରତି ମାସରେ ଚାରିଦିନ ଛୁଟି ପୁଅବୋହୂଙ୍କୁ ସରକାର ଘୋଷଣା କରିଛନ୍ତି । ସରକାରଙ୍କ ଏଭଳି ମନୋଭାବ ଓ ବ୍ୟବସ୍ଥା ଆମ ସଂସ୍କୃତି ଓ ସଂସ୍କାର କଥା ମନେ ପକାଇ ଦେଇଛି । ସାଧୁବାଦର ପାତ୍ର, ମାତ୍ର ୟେ କଣା ମାଠିଆରେ ପାଣି ପୂରାଇବା ବା ବଙ୍କା ଲାଞ୍ଜକୁ ସିଧା କରିବା ଭଳି ଏକ ଦୁରୂହ ଉଦ୍ୟମ ବା ବ୍ୟବସ୍ଥା ପରି ମନେହୁଏ । ଅଧ୍ୟାତ୍ମ ରାମାୟଣ ତ କହିଲେ, ସଭିଏଁ ''ସ୍ତ୍ରୀ ଦେବା କାମ କିଙ୍କରା'' ହେବେ । ତେଣୁ ଏ ଛୁଟିରେ ପୁଅ ସ୍ତ୍ରୀକୁ ଧରି ଭ୍ରମଣରେ ଯିବେ ଓ ଘରଜଗା ଦାୟିତ୍ୱ ବାପମା'ଙ୍କ ମୁଣ୍ଡରେ ପୁଣି ଲଦିବେ । ସେବା ତ ଏକ ପଣ୍ୟବସ୍ତୁ ନୁହେଁ! ୟେ ଭାବଗତ । ୟାର ରୁଚି ଓ ସ୍ୱାଦ ଭିନ୍ନ । ବାରାଙ୍ଗନା ଓ ସ୍ତ୍ରୀ ସୁଖ ମଧ୍ୟରେ ଥିବା ଆକାଶ ପାତାଳ ଫରକ ଏଥିରେ । ପୁଅବୋହୂଙ୍କ ପିତୃମାତୃ ଭକ୍ତି ପାଇଁ ଭାବ ଉଦ୍ରେକ ନ ହେଲେ, ବାକି ସବୁ ହାସ୍ୟାସ୍ପଦ ଓ ଅଧିକ ସମସ୍ୟାବହୁଳ ହେବ । ଓଲେଇ ଗାଈ କୋଉ ବାଡ଼କୁ ମାନେ ?

ତେଣୁ ଏ ଦେଶ ସଂସ୍କାର, ସଂସ୍କୃତିର ବ୍ୟବସ୍ଥା ନ ଆପଣେଇଲା ଯାଏ ଏମିତି ଘଟିଚାଲିବ, ଛୁଟିଗୁଡ଼ା ଓଲିଆ ଗାଈକୁ ଭଙ୍ଗାବାଡ଼ର ଠିକଣା ବା ସୁବିଧା ଯୋଗାଇବା ଭଳି ହେବ ସିନା । ତେବେ ଆଜି ଯୁଗରେ ସରକାରଙ୍କ ଏମିତି ଏକ ଦୃଷ୍ଟିଭଙ୍ଗୀ ଆଉ ବହୁ ଅନୁକୂଳ ବ୍ୟବସ୍ଥାକୁ କ୍ରମେ କ୍ରମେ ଆଡେଇବାର ଆଶା ଦେଉଛି । ୟେ ଏକ 'ମାହୋଲ' ସୃଷ୍ଟି କରୁଛ ସନ୍ତାନମାନଙ୍କୁ ଉଦ୍ବୁଦ୍ଧ କରୁ, ଏଇ ଆଶାରେ ସେ ସରକାରଙ୍କୁ ସାଧୁବାଦ, ପ୍ରଣାମ ।

# ହକି ବିଶ୍ୱକପ୍ ଉଦ୍‌ଘାଟିତ: ବିଶ୍ୱ ଦେଖିଲା ଓଡ଼ିଶାର ଶକ୍ତି






କଟକ: ଆଖି ଝଲସିଲା ଭଳି ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରି ପ୍ରଶଂସା ସାଉଣ୍ଟୁଛନ୍ତି ଓଡିଶା ସରକାର । ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପର ଆୟୋଜନ କରି ଓଡିଶା ସରକାର ଏହାକୁ ଏକ ବିରାଟ ମହୋତ୍ସବରେ ପରିଣତ କରିଛନ୍ତି । ଯାହା ଏବେ ସବୁଠି ଚର୍ଚ୍ଚାର ବିଷୟ ହୋଇଛି । ସାରା ବିଶ୍ୱକୁ ଚମକାଇ ଦେଇଛି କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ ପାଇଁ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ । ହକି ଉଦଘାଟନୀ ଉତ୍ସବ ଜରିଆରେ ଶକ୍ତି ପ୍ରଦର୍ଶନ କରିଛି ଓଡିଶା । ଷ୍ଟାଡିୟମରେ ୩୦ ହଜାରରୁ ଅଧିକ ଦର୍ଶକ, ଟିଭି ପରଦାରେ ଅଗଣିତ ହକିପ୍ରେମୀ ଓଲିଉଡ ଓ ବଲିଉଡ କଳାକାରଙ୍କ ନୃତ୍ୟ, ଗୀତରେ ଆମୋଦିତ ହୋଇଛନ୍ତି । ଦୀର୍ଘ ୬ ଘଣ୍ଟାରୁ ଅଧିକ ସମୟ ଧରି ଆୟୋଜିତ କାର୍ଯ୍ୟକ୍ରମ ଜରିଆରେ ବିଶ୍ୱ କ୍ରୀଡା ଇତିହାସରେ ନିଜର ସ୍ୱାକ୍ଷର ଛାଡିଛି ଓଡିଶା ।

ଉଭୟ ରଣବୀର ଏବଂ ଦିଶା ବଲିଉଡ ଗୀତରେ ଡ୍ୟାନ୍ସର ଜଲ୍ୱା ଦେଖାଇ ଥିବାବେଳେ, ଝୁମିଥିଲେ ବାରବାଟୀରେ ଉପସ୍ଥିତ ଦର୍ଶକ ଓ ଅତିଥି । ବଲିଉଡ୍ ସଂଗୀତ ନିର୍ଦ୍ଦେଶକ ପ୍ରୀତମ ମଧ୍ୟ ପର୍ଫର୍ମ କରିଥିଲେ । କେପପ୍ ବ୍ୟାଣ୍ଡ୍, ବ୍ଲାକ୍ ସ୍ୱାନ୍ ଗ୍ରୁପ୍ ମଧ୍ୟ ସେମାନଙ୍କ ଗୀତ ପରିବେଷଣ କରିଥିଲେ । ଏହି ସେଲିବ୍ରେସନର ମଜା ଉଠାଇବାକୁ ଷ୍ଟାଡିୟମରେ ଦେଖିବାକୁ ମିଳିଥିଲା ଖଚାଖଚ୍ ଭିଡ଼ । ବିଶ୍ୱକପ୍ ହକିର ଗ୍ରାଣ୍ଡ୍ ସେଲିବ୍ରେସନ ସମ୍ବଲପୁରୀ ନୃତ୍ୟରୁ ଆରମ୍ଭ ହୋଇଥିବାବେଳେ, ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ସ୍ମିତି ମିଶ୍ର, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍, ରାପର୍ ବିଗ୍ ଡିଲ୍, ଋତୁରାଜ ମହାନ୍ତି ଏବଂ ଓଲିଉଡ୍ ଷ୍ଟାର୍ କପଲ୍ ସବ୍ୟସାଚୀ–ଅର୍ଚ୍ଚିତାଙ୍କ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ଦର୍ଶକ । ଏଲିନା ଏବଂ ଅନନ୍ୟା ନନ୍ଦ ମଧ୍ୟ ନିଜ ନିଜର ସଙ୍ଗୀତ ପରିବେଷଣ କରିଥିଲେ ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିରାଚରିତ ଶୈଳୀରେ ଆପଣମାନେ ଖୁସି ତ ? ପ୍ରଶ୍ନ ପୁରା ଷ୍ଟାଡିୟମରେ ରୋମାଞ୍ଚ ଆଣି ଦେଇଥିଲା । 'କଟକର ଓଡ଼ିଶାରେ ଅନ୍ତର୍ଜାତୀୟ ପୁରୁଷ ହକି ଆୟୋଜନ ହେଉଛି । ଆପଣମାନେ ଖୁସି ତ? କଟକରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେଉଛିଛ ଆପଣ ମାନେ ଖୁସି ତ? ମୁଁ ବି ବହୁତ ଖୁସ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି 'ଓଡିଶା ତାର ଆତିଥେୟତାକୁ ନେଇ ପ୍ରସିଦ୍ଧ । ହକି ବିଶ୍ୱକପର ଆୟୋଜନ ଅବସରରେ ଓଡ଼ିଶାକୁ ଆସିଥିବା ଅତିଥିମାନେ ଏହି ପରିଚୟକୁ ଆହୁରି ଆଗକୁ ନେବାରେ ସହାୟକ ହେବେ' । ଏପରିକି ଦ୍ୱିତୀୟଥର ହକି ବିଶ୍ୱକପ ଆୟୋଜନ ପାଇଁ ସହଯୋଗ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡିଶାର ଏଭଳି ଭବ୍ୟ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର । ଠାକୁର କହିଥିଲେ ଯେ ୧୯୨୮, ୧୯୩୨ ଓ ୧୯୩୬ ଅଲିମ୍ପିକ୍ସରେ ଲଗାତାର ୩ଥର ସ୍ୱର୍ଣ୍ଣ ପଦକ ଜିତି ମେଜର ଧ୍ୟାନ ଚାନ୍ଦ ଯେଉଁ ଇତିହାସ ସୃଷ୍ଟି କରିଥିଲେ ବଲବୀର ସିଂହ (ସିନିଅର) ୧୯୪୮, ୧୯୫୨, ୧୯୫୬ ଅଲିମ୍ପିକ୍ସରେ ହାଟ୍ରିକ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ଦୋହରାଇଥିଲେ। ଦୀର୍ଘ ଦିନ ବ୍ୟବଧାନରେ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତିଛି ଭାରତ । ଏବଂ ହକିରେ ପୁଣି ଇତିହାସ ସୃଷ୍ଟି କରିବାକୁ ଯାଉଛି । ବିଶ୍ୱରେ ବିଭିନ୍ନ ସ୍ଥାନରେ ହୋଇଥିବା ଭବ୍ୟ ସମାରୋହ ମଧ୍ୟରୁ ଆଜିର ଏହି ସମାରୋହ ଅନ୍ୟତମ ବୋଲି ଶ୍ରୀ ଠାକୁର କହିଥିଲେ ।

ହକି ବିଶ୍ୱକପର ଆୟୋଜକ ଭାବେ ବିରାଟ ବଡ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ରାଜ୍ୟ ସରକାର । ଲଗାତର ଦ୍ୱିତୀୟଥର ପାଇଁ ହକି ପୁରୁଷ ବିଶ୍ୱକପର ଆୟୋଜନ କରି ବିରଳ ରେକର୍ଡ ସୃଷ୍ଟି କରିଛନ୍ତି । ଏକକାଳୀନ ୨ଟି ଭେନ୍ୟୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲା ବିରସାମୁଣ୍ଡା ଷ୍ଟାଡିୟମରେ ବିଶ୍ୱକପ ଆୟୋଜନ କରିବାକୁ ଯାଉଛନ୍ତି । ଭାରତୀୟ ହକି ଟିମର ପ୍ରାୟୋଜକ ଥିବା ଓଡିଶା ସରକାର ହକି ବିଶ୍ୱକପର ଆୟୋଜନ କରି ଏହାକୁ ଏକ ବିରାଟ ମହୋତ୍ସବରେ ପରିଣତ କରିଛନ୍ତି । ଓଡିଶାର ଘରେ ଘରେ ହକିକୁ ନେଇ ଚର୍ଚ୍ଚା ଆଲୋଚନା ହେଉଥିବାବେଳେ ସାରାବିଶ୍ୱରେ ଓଡିଶାର ହକି ଆୟୋଜନକୁ ନେଇ ଚର୍ଚ୍ଚା ବଢିବାରେ ଲାଗିଛି ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତୀ ବେହେରା, ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ଟିର୍କୀ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ବଲିଉଡ କଳାକାର ରଣବୀର ସିଂହ, ଅଭିନେତ୍ରୀ ଦିଶା ପଟାନି, ନକାଶ ଅଜିଜ, ଓଲିଉଡ କଳାକାର ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ୩୫ ହଜାରରୁ ଅଧିକ ଦର୍ଶକ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମରେ ରଣବୀର, ପ୍ରୀତମ, ନୀତି ମୋହନ, ବେନି ଦୟାଲ, ଋତୁରାଜ ମହାନ୍ତି, ସ୍ମିତି ମିଶ୍ର, ଲିସା ମିଶ୍ର, ବ୍ଲାକସ୍ୱାନ୍ ଗ୍ରୁପ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ । ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ଅରୁଣା ମହାନ୍ତିଙ୍କ ନିର୍ଦ୍ଦେଶନାରେ ସହଯୋଗୀଙ୍କ ଓଡ଼ିଶୀ ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ଆକର୍ଷଣୀୟ ଆତସବାଜୀ, ଲେଜର ସୋ ଦର୍ଶକଙ୍କୁ ଅଭିଭୂତ କରିଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ବିଜୁ ପଟ୍ଟନାୟକଙ୍କୁ ବିଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତିଚାରଣ କରାଯାଇଥିଲା । ଏହା ସହିତ ହକିର ଶହେ ବର୍ଷର ଇତିହାସ ସଂପର୍କରେ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା ।

# ଯୋଶୀମଠକୁ ମାଡ଼ି ଆସୁଛି ବିପଦ

ଡେରାଡୁନ୍: ବିପଦରେ ଉତ୍ତରାଖଣ୍ଡର ଦେବଭୂମି ଭାବେ ପରିଚିତ ଯୋଶୀମଠ ସହର । ସହରରେ ଜମି ଦବିବା ସହ ଶହ ଶହ ଘର, ହୋଟେଲ ଓ ଅନ୍ୟ ପ୍ରତିଷ୍ଠାନରେ ଫାଟ ସୃଷ୍ଟି ହୋଇଛି । ଚାରିଆଡେ ମାଟି, ଘରଦ୍ୱାର ଭାଙ୍ଗିଯାଉଥିବାରୁ ଲୋକେ ପ୍ରତି ମୁହୂର୍ତ୍ତରେ ନିଜ ଜୀବନକୁ ନେଇ ଚିନ୍ତାରେ ଅଛନ୍ତି । ଲୋକଙ୍କ ଘର, ରାସ୍ତା ଜମି ସବୁ ଫାଟି ଆଁ କରିଛି । ଏପରିକି ମଠ ମନ୍ଦିର ଅଧିକ ପ୍ରଭାବିତ ହୋଇଛି । ସେଠାରେ ଥିବା ଶଙ୍କରାଚାର୍ଯ୍ୟଙ୍କ ମଠ ମଧ୍ୟ ଫାଟିଯାଇଛି । କେବଳ ଏତିକି ନୁହେଁ ସେଠିକାର ଏକ ମନ୍ଦିରରେ ଥିବା ଶିବଲିଙ୍ଗରେ ମଧ୍ୟ ଫାଟ ସୃଷ୍ଟି ହୋଇଛି । ଯୋଶୀମଠରେ ମାଟି ଧସୁଥିଲେ ମଧ୍ୟ ଅନେକ ଲୋକ ନିଜ ଅସୁରକ୍ଷିତ ଘର ଛାଡ଼ି ଯିବାକୁ ଅମଙ୍ଗ ହେଉଛନ୍ତି ।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ନ୍ୟାଶନାଲ ରିମୋଟ ସେଂସିଂ ସେଣ୍ଟର ଯୋଶୀମଠ ସହରର ସାଟେଲାଇଟ ଚିତ୍ର ଜାରି କରିଛି । ଏହି ଚିତ୍ରରୁ ଜଣାପଡିଛି କି ଯୋଶୀମଠରେ କେମିତି ଧିରେ ଧିରେ ଭୂମି ଧସିବାରେ ଲାଗିଛି । ସାଟେଲାଇଟ୍ ଚିତ୍ରରୁ ଜଣାପଡିଛି କି ଯୋଶୀମଠ ମାତ୍ର ୧୨ ଦିନର ୫.୪ ସେଣ୍ଟିମିଟର ଧସି ଯାଇଛି । ଇସ୍ରୋ ଚିତ୍ର ଜାରି କରି କହିଛି, ୨୭ ଡିସେମ୍ବର ୨୦୨୨ ଓ ୮ ଜାନୁୟାରୀ ୨୦୨୩ ମଧ୍ୟରେ ଯୋଶୀମଠରେ ୫.୪ ସେଣ୍ଟିମିଟର ଭୂମି ଧସି ଯାଇଛି । ଏପ୍ରିଲ ୨୦୨୨ ଓ ନଭେମ୍ବର ୨୦୨୨ ମଧ୍ୟରେ ଯୋଶୀମଠରେ ୯ ସେଣ୍ଟିମିଟର ଭୂମି ଧସିଥିବା ଦେଖାଯାଇଛି । ଏନଏସଆରସି କହିଛି, ଗତ ସପ୍ତାହ ଅର୍ଥାତ୍ ଡିସେମ୍ବର ଓ ଜାନୁୟାରୀ ପ୍ରଥମ ସପ୍ତାହ ମଧ୍ୟରେ ଅଧିକ ମାତ୍ରାରେ ଧସିବା ଘଟଣା ସାମ୍ନାକୁ ଆସିଛି ।

ଏଠାର ଜନସଂଖ୍ୟା ପ୍ରାୟ ୨୦ରୁ ୨୫ ହଜାର । ଆଧ୍ୟାତ୍ମିକ ଓ ଧାର୍ମିକ ଦୃଷ୍ଟି କୋଣରୁ ବେସ୍ ମହତ୍ତ୍ୱ ରଖିଥାଏ । ମନ୍ଦିର ମାଳିନୀ ସହର, ମଠ ମନ୍ଦିରରେ ପରିପୂର୍ଣ୍ଣ ୮୦ କୋଟିରୁ ଅଧିକ ହିନ୍ଦୁଙ୍କ ଆସ୍ଥାର କେନ୍ଦ୍ରସ୍ଥଳ ଜ୍ୟୋର୍ତିମଠ । ଏଠାରେ ରହିଛି କଳ୍ପବଟ, ଶଙ୍କରାଚାର୍ଯ୍ୟଙ୍କ ତପସ୍ଥଳୀ ଏବଂ ଶଙ୍କରାଚାର୍ଯ୍ୟଙ୍କ ପ୍ରଥମ ଶିଷ୍ୟଙ୍କର ଗୁମ୍ଫା । ଏହା ସହ ଏହିଠାରେ ରହିଛନ୍ତି ଭଗବାନ ନୃସିଂହ, ଭଗବତୀ ରାଜରାଜେଶ୍ୱରୀ, ଭୁବନେଶ୍ୱରୀ, ମା' କାଳୀ, ମା' ଚଣ୍ଡୀ ଓ ଦେବୀ ତାରା କୁହାଯାଏ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହାର ତୁଳନା ନାହିଁ । ଯୋଶୀମଠ ବିନା ବଦ୍ରିନାଥ ସମେତ ଅନ୍ୟ କେତେକ ଧାର୍ମିକସ୍ଥଳୀ ଅଛି ଯାହାର ଦର୍ଶନ କରିବା ସମ୍ଭବପର ନୁହେଁ । ଯୋଶୀମଠରେ ହିଁ ରହିଛି ଚାରିଧାମ ମଧ୍ୟରୁ ଅନ୍ୟତମ ବଦ୍ରିନାଥ ଧାମ । ଯୋଶୀମଠରେ କେବଳ ବଦ୍ରିନାଥ ନୁହେଁ, ଅନେକ ପ୍ରସିଦ୍ଧ ମନ୍ଦିର ରହିଛି । ଦେବଭୂମି ଭାବେ ପରିଚିତ ଯୋଶୀମଠ ସମ୍ପୂର୍ଣ୍ଣ ବିପଦାପନ୍ନ ହୋଇପଡ଼ିଛି । ଭୂପୃଷ୍ଠ ତଳର ମାଟି ଧସିବା ଯୋଗୁଁ ଏଠାକାର ବହୁ ଘର ଏବଂ ରାସ୍ତାରେ ଫାଟ ସୃଷ୍ଟି ହେବା ପରେ ରାଜ୍ୟ ସରକାରଙ୍କ ଚିନ୍ତା ବଢିଛି । ଏହାର କାରଣ ଜାଣିବା ଏବଂ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘଟଣାସ୍ଥଳକୁ ବିଶେଷଜ୍ଞ ଦଳ ପଠାଯାଇଛି । ଏନ୍‌ଡିଆର୍‌ଏଫ୍ ଟିମ୍ ସହ ମିଶି ଅସୁରକ୍ଷିତ ଘର ଗୁଡିକୁ ଚିହ୍ନଟ କରାଯାଇ ସେଗୁଡ଼ିକୁ ଭାଙ୍ଗିବା ପ୍ରକ୍ରିୟା ଆରମ୍ଭ କରିଛି ଜିଲ୍ଲା ପ୍ରଶାସନ ।

ଯୋଶୀମଠରେ ମାଟି ଦବିବା ପ୍ରକ୍ରିୟା ଅବ୍ୟାହତ ଥିବାରୁ ଆଗକୁ କୌଣସି ଅଘଟଣ ପୂର୍ବରୁ ସତର୍କତା ପଦକ୍ଷେପ ସ୍ୱରୂପ ପ୍ରଶାସନ ପକ୍ଷରୁ ଅଞ୍ଚଳର ୪ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ସାରିଲାଣି । ମାଟି ଦବୁଥିବା ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର ଏବଂ ଅସୁରକ୍ଷିତ କୋଠାକୁ ଭାଙ୍ଗିବାର ବ୍ଲୁ ପ୍ରିଣ୍ଟ ପରେ ଉତ୍ତରାଖଣ୍ଡ ସରକାର ଏବେ ପ୍ରଭାବିତ ଲୋକଙ୍କ ପୁନର୍ବାସ ଓ ପୁନର୍ଥଇଥାନ ଉପରେ ଜୋର ଦେଉଛନ୍ତି । ସେପଟେ କୋଠା ଭାଙ୍ଗିବା ବେଳେ ଯେପରି ସୁରକ୍ଷିତ କୋଠାକୁ ବିପଦ ନଆସେ ସେଥିପାଇଁ ରୁର୍କିର ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ବିଶେଷଜ୍ଞଙ୍କ ପରାମର୍ଶରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି । ଏଥିରେ ସହାୟତା କରିବାକୁ ଉପସ୍ଥିତ ଅଛନ୍ତି ଏନଡିଆରଏଫ୍ ଓ ଏସଡିଆରଏଫ୍‌ର ତାଲିମ ପ୍ରାପ୍ତ ଯବାନ । ତେଣେ ଯୋଶୀମଠକୁ ବାଦ୍ ଦେଇ ଚାମୋଲି ଜିଲ୍ଲାର କର୍ଣ୍ଣପ୍ରୟାଗ ପୌରପାଳିକା ଅନ୍ତର୍ଗତ ବହୁଗୁଣା ନଗରରେ ମଧ୍ୟ ଭୂମିରେ ଫାଟ ଦେଖାଦେଲାଣି । ସେ ଅଞ୍ଚଳର ଲୋକ ବି ସମାନ ଧରଣର ସମସ୍ୟା ସାମ୍ନା କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବିଧାୟକ । ଏପଟେ ଯୋଶୀମଠ ଦବିବା ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଏକ ଜରୁରୀ ଶୁଣାଣି ପାଇଁ ହୋଇଥିବା ଆବେଦନକୁ ପ୍ରଧାନ ବିଚାରପତି ୱାଇ ଚନ୍ଦ୍ରଚୂଡ଼ ଅଗ୍ରାହ୍ୟ କରି ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ୧୬ ତାରିଖରେ ହେବା ଲାଗି ଦିନ ଧାର୍ଯ୍ୟ କରାଯାଇଛି ।

# କାଙ୍ଗାଳର ଦ୍ୱାରଦେଶରେ ପାକିସ୍ତାନ

ଇସଲାମାବାଦ : ଗମ୍ଭୀର ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ପାକିସ୍ତାନ ସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିଛି । ଅତ୍ୟଧିକ ଋଣ ବୋଝରେ ବୁଡି ରହିଥିବା ଏହି ଦେଶରେ ସାଧାରଣ ଲୋକଙ୍କୁ ଦିନକୁ ଦୁଇ ମୁଠା ଖାଇବା ମଧ୍ୟ କଷ୍ଟ ସାଧ ହୋଇପଡ଼ିଛି । ଗୋଟିଏ ପଟେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଏକପ୍ରକାର ଖାଲି ହେବାକୁ ବସିଥିବା ବେଳେ ଅନ୍ୟ କେଉଁଠୁ ଋଣ ନମିଳିବା ଏବଂ ଆମଦାନୀ ସମ୍ଭବ ନହେବା ଯୋଗୁଁ ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଜରୁରୀ ସାମଗ୍ରୀ ସ୍ୱପ୍ନ ହୋଇପଡ଼ିଛି । ଅଟା ଠାରୁ ଚାଉଳ, ଚିନି ଠାରୁ ଲୁଣ ଏବଂ ଔଷଧ ଠାରୁ ଆରମ୍ଭ କରି କ୍ଷୀର ସବୁକିଛି ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ ହୋଇପଡ଼ିଛି ।

ବର୍ଷକ ମଧ୍ୟରେ ସାମାନ୍ୟ ପିଆଜ ମୂଲ୍ୟରେ ୫୦୦ ପ୍ରତିଶତ ବୃଦ୍ଧି ଘଟିବା ସହିତ ବର୍ତ୍ତମାନ କିଲୋ ପିଛା ପିଆଜ ମୂଲ୍ୟ ୨୨୦ ଟଙ୍କାରେ ପହଞ୍ଚିଛି । ସେହିପରି ଚିକେନ୍ ଦର ୨୧୦ ଟଙ୍କାରୁ ୩୮୩, ଡାଲି ୧୫୦ ଟଙ୍କାରୁ ୨୨୮, ଲୁଣ ୩୨ ଟଙ୍କାରୁ ୪୯,ବାସୁମତି ଚାଉଳ ୩୬ ଟଙ୍କାରୁ ୨୨୦ ଟଙ୍କା, ସୋରିଷ ତେଲ ୩୭୪ ଟଙ୍କାରୁ ୫୩୨ ଟଙ୍କା, ପାଉଁରୁଟି ୬୫ ଟଙ୍କାରୁ ୯୦ ଟଙ୍କା ଏବଂ କ୍ଷୀର ମୂଲ୍ୟ ୧୧୪ ଟଙ୍କାରୁ ୧୪୯ ଟଙ୍କାରେ ପହଞ୍ଚିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ବର୍ତ୍ତମାନ ପାକିସ୍ତାନ ସରକାରଙ୍କ ନିକଟରେ ଖର୍ଚ୍ଚ ବହନ କରିବାକୁ ମଧ୍ୟ ଆଉ ଅର୍ଥ ନାହିଁ । ସରକାରଙ୍କ ନିକଟରେ ଯେତିକି ଅର୍ଥ ଅଛି ତାହା ୨୧ ଦିନ ମଧ୍ୟରେ ଶେଷ ହୋଇଯିବ ବୋଲି କୁହାଯାଇଛି । ସେପଟେ ଦେଶର ଋଣ ଭାର ମୋଟ ଜିଡିପିର ୭୮ ପ୍ରତିଶତ ରହିବା ସହିତ ମୋଟ ପରିମାଣ ୩୫୦ ବିଲିୟନ ଡଲାରରେ ପହଞ୍ଚିଥିଲା ବେଳେ ବୈଦେଶିକ ମୁଦ୍ରା ଭଣ୍ଡାରରେ ଆଉ ମାତ୍ର ୪.୫ ବିଲିୟନ ଡଲାର ରହିଥିବା କୁହାଯାଇଛି ।




























# ବାରବାଟୀରେ ବିଶ୍ୱକପ୍ ହକି ୨୦୨୩ର ଭବ୍ୟ ଆୟୋଜନ

କଟକ ବାରବାଟୀ ଷ୍ଟାଡିୟମ୍ ଲେଖିଛି ନୂଆ ଇତିହାସ । ସାରା ବିଶ୍ୱ ବାରବାଟୀରେ ଏକାଠି ହୋଇଛି । ଆତସବାଜୀର ରଙ୍ଗବେରଙ୍ଗ ଆଲୋକରେ ଆଲୋକିତ ହୋଇଯାଇଛି ସମଗ୍ର ଆକାଶ । ହକି ବିଶ୍ୱକପ୍‌ର ଅବିସ୍ମରଣୀୟ ଉଦ୍‌ଘାଟନ ଉତ୍ସବ ସାରା ବିଶ୍ୱକୁ ରୋମାଞ୍ଚିତ କରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱକପ୍ ଟ୍ରଫିର ଅନାବରଣ ସହ ଉତ୍ସବକୁ ଉଦ୍‌ଘାଟନ କରିବା ପରେ ଜାତୀୟ ଓ ଆନ୍ତର୍ଜାତୀୟ କଳାକାରମାନେ ବାରବାଣଟୀରେ ଦେଖାଇଛନ୍ତି ସେମାନଙ୍କ ନୃତ୍ୟ, ସଙ୍ଗୀତର ଚାତୁର୍ଯ୍ୟ । ଦୀର୍ଘ ୬ ଘଣ୍ଟାରୁ ଅଧିକ ସମୟ ଧରି ଆୟୋଜିତ କାର୍ଯ୍ୟକ୍ରମ ଜରିଆରେ ବିଶ୍ୱ କ୍ରୀଡା ଇତିହାସରେ ନିଜର ସ୍ୱାକ୍ଷର ଛାଡିଛି ଓଡିଶା । ଉଭୟ ରଣବୀର ଏବଂ ଦିଶା ବଲିଉଡ ଗୀତରେ ଡ୍ୟାନ୍ସର ଜଲ୍ୱା ଦେଖାଇ ଥିବାବେଳେ, ଝୁମିଥିଲେ ବାରବାଟୀରେ ଉପସ୍ଥିତ ଦର୍ଶକ ଓ ଅତିଥି । ବିଶ୍ୱକପ୍‌ରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ଦଳର ଖେଳାଳିଙ୍କ ସମେତ କେନ୍ଦ୍ର ତଥା ରାଜ୍ୟ କ୍ରୀଡ଼ାମନ୍ତ୍ରୀ, ହକି ଫେଡେରେସନ୍‌ର କର୍ମକର୍ତ୍ତା ଏହି ସମାବେଶରେ ଉପସ୍ଥିତ ଥିଲେ ।





# ଅଶ୍ଳୀଳତାରେ ଭରା ବିବାଦୀୟ ଗୀତ



**ଶାହରୁଖ ଖାନଙ୍କ ଫିଲ୍ମ 'ପଠାନ'ର ଦମଦାର୍ ଗୀତ 'ବେଶରମ୍ ରଙ୍ଗ୍'କୁ ନେଇ ବିବାଦ ଲାଗି ରହିଛି । କେତେକ ଏହି ଗୀତକୁ ପସନ୍ଦ କରୁଥିବା ବେଳେ ଆଉ କେତେକ ଏହାକୁ ବିରୋଧ କରୁଛନ୍ତି । ଆହୁରି ମଧ୍ୟ କିଛି ଅଛନ୍ତି ଯେଉଁମାନେ କହୁଛନ୍ତି ଯେ ବିବାଦ ସୃଷ୍ଟି କରିବା ପାଇଁ ଦୀପିକା ପାଦୁକୋନ୍ ଗେରୁଆ ରଙ୍ଗର ବିକିନି ପିନ୍ଧିଥିଲେ । ତେବେ ଏହା ପ୍ରଥମ ଘଟଣା ନୁହେଁ ଯେ ଏକ ଚଳଚ୍ଚିତ୍ରର ଗୀତ ବିବାଦ ଘେରକୁ ଆସିଛି । 'ବେଶରମ୍ ରଙ୍ଗ୍' ପରି ଅନେକ ପ୍ରସିଦ୍ଧ ଗୀତ ଅଛି ଯାହା ବିବାଦ ଭିତରକୁ ଆସିଛି । ଆସନ୍ତୁ ସେ ସବୁ ଗୀତ ଉପରେ ନଜର ପକେଇବା ।**

**ମୁନ୍ନି ବଦନାମ୍ ହୁଇ:** ଅଶ୍ଳୀଳ ଗୀତ ଏବଂ ଭିଜୁଆଲ୍ ଯୋଗୁ 'ଦବଙ୍ଗ'ର 'ମୁନ୍ନି ବଦନାମ୍ ହୁଇ' ଗୀତ ବିବାଦକୁ ଆସିଥିଲା । ଏହା ବ୍ୟତୀତ 'ଝଣ୍ଡୁ ବାମ୍' ତିଆରି କରିଥିବା କମ୍ପାନୀ ଅରବାଜ ଖାନ ପ୍ରଡକ୍ସନ୍ସକୁ ତାଙ୍କ ବିନା ଅନୁମତିରେ ସେମାନଙ୍କ ବ୍ରାଣ୍ଡ୍ ନାମ ବ୍ୟବହାର ପାଇଁ ଏକ ଆଇନଗତ ନୋଟିସ୍ ପଠାଇଥିଲା । ତେବେ ଏହି ଗୀତଟିକୁ ମଲାଇକା ଅରୋରାଙ୍କର ପ୍ରିୟ ଆଇଟମ୍ ଗୀତ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ ।

**ଚୋଲି କେ ପିଛେ କ୍ୟା ହୈ:** ୧୯୯୩ର ସୁପର ହିଟ୍ ଚଳଚ୍ଚିତ୍ର 'ଖଲନାୟକ' ଅନେକ କାରଣରୁ ଚର୍ଚ୍ଚା ଏବଂ ବିବାଦରେ ଥିଲା । ଏହି ଫିଲ୍ମର ଚୋଲି କେ ପିଛେ କ୍ୟା ହୈ ଚୁନ୍‌ରୀ କେ ନିଚେ କ୍ୟା ହୈ ଗୀତକୁ ନେଇ ବିବାଦ ଲାଗି ରହିଥିଲା । ମାଧୁରୀ ଦୀକ୍ଷିତଙ୍କ ଉପରେ ଚିତ୍ରିତ ଏହି ଗୀତରେ ଅଶ୍ଳୀଳତାର ପ୍ରଚାର କରାଯାଉଥିବାକୁ ନେଇ ଅଭିଯୋଗ ହୋଇଥିଲା । ତେବେ ପରେ ବାଲ ଠାକରେଙ୍କ ହସ୍ତକ୍ଷେପ ପରେ ଏହି ମାମଲା ଶାନ୍ତ ହୋଇଥିଲା ।

**କୁଣ୍ଡି ମତ୍ ଖଡ୍‌କାଓ ରାଜା:** ଅକ୍ଷୟ କୁମାରଙ୍କ ଅଭିନୀତ 'ଗବର୍ ଇଜ୍ ବ୍ୟାକ୍'ର ଆଇଟମ୍ ଗୀତ ମଧ୍ୟ ଚର୍ଚ୍ଚାରେ ଥିଲା । ଚିତ୍ରାଙ୍ଗଦା ସିଂହଙ୍କ ଉପରେ ଚିତ୍ରିତ ଏ ହ ଆଇଟମ୍ ଗୀତକୁ ଲୋକେ ଖୁବ୍ ପସନ୍ଦ କରିଥିଲେ । ତେବେ ଏହାର ଲିରିକ୍ସ ଦ୍ୱିଅର୍ଥବୋଧକ ଥିବାରୁ ଏହାକୁ ବିରୋଧ କରାଯାଇଥିଲା । ଶବ୍ଦଗୁଡ଼ିକ ଏହିପରି କିଛି ଥିଲା– 'କୁଣ୍ଡି ମତ୍ ଖଡ୍‌କାଓ ରାଜା..ସିଧା ଅନ୍ଦର୍ ଆଓ ରାଜା.. ଫୁଲ ବିଛା ପର୍ଫ୍ୟୁମ୍ ଲଗା କେ ମୁଝେ ବନାଓ ତାଜା ତାଜା' ।

**ଲୈଲା ତେରୀ ଲେ ଲେଗୀ:** 'ସୁଟ୍ ଆଉଟ୍ ଆଟ୍ ୱାଡାଲା' ଫିଲ୍ମରେ ସନି ଲିଓନଙ୍କ ଉପରେ ନିର୍ମିତ ଆଇଟମ୍ ନମ୍ବର ଗୀତ 'ଲୈଲା ତେରୀ ଲେ ଲେଗୀ' ରିଲିଜ୍ ହେବା ମାତ୍ରେ ବିବାଦ ଘେରକୁ ଆସିଥିଲା । ଅବଶ୍ୟ, ଏହାକୁ ନେଇ ଆପତ୍ତି ଦାଖଲ ହେବା ବେଳକୁ ଏହା ବହୁ ଲୋକପ୍ରିୟ ହୋଇଯାଇଥିଲା । କିନ୍ତୁ ସେନ୍ସର ବୋର୍ଡର ଆପତ୍ତି ପରେ ନିର୍ମାତା ଏହି ଗୀତକୁ ପରିବର୍ତ୍ତନ କରି 'ଲୈଲା ତୁଝେ ଲୁଟ୍ ଲେଗୀ' କରିଥିଲେ ।

**ଆର୍ ରେ ପ୍ରୀତମ୍ ପ୍ୟାରେ:** ଅକ୍ଷୟ କୁମାରଙ୍କ ହିଟ୍ ଫିଲ୍ମ 'ରାଉଡୀ ରାଠୋର୍'ର ଆଇଟମ୍ ନମ୍ବର 'ଆ ରେ ପ୍ରୀତମ୍ ପ୍ୟାରେ' ମଧ୍ୟ ଖୁବ୍ ଚର୍ଚ୍ଚାରେ ଥିଲା । ଏହି ଗୀତର ଶବ୍ଦ ଥିଲା, ପଲ୍ଲୁ କେ ନୀଚେ ଛୁପା କେ ରଖାର୍ଜେ ଉଠା ଦୁଁ ତୋ ହଙ୍ଗାମା ହୋ ହୋ । ଏହି ଶବ୍ଦଗୁଡ଼ିକୁ ନେଇ ବିବାଦ ଘନେଇ ବିବାଦ ଥିଲା । ଏହାର ଲିରିକ୍ସକୁ ସମୀର ଏବଂ ଫୈଜ୍ ଅନ୍ୱାର ଲେଖିଥିଲେ ଏବଂ ସଂଗୀତରେ ସଜେଇ ଥିଲେ ସାଜିଦ୍-ୱାଦିଜ୍ ।



**ହଲ୍‌କଟ୍ ଜୱାନୀ:** ମଧୁର ଭଣ୍ଡାରକରଙ୍କ ବହୁଚର୍ଚ୍ଚିତ ଚଳଚ୍ଚିତ୍ର 'ହିରୋଇନ୍'ରେ କରୀନା କପୁରଙ୍କ ଉପରେ ଚିତ୍ରିତ 'ହଲକଟ୍ ଜୱାନୀ' ଗୀତ ମଧ୍ୟ ଲୋକଙ୍କୁ ଚକିତ କରିଥିଲା । ଏହି ଗୀତର ଲିରିକ୍ସ ହେଲା, ନାଇଟ୍ କି ନତୀ କହାନୀ ହଲକଟ୍ ଜୱାନୀ ଆଖୋଁ କୋ କ୍ୟୁଁ ସେକେ ହାଥୋ ସେ କର୍ ମନ୍ମାନୀ । ଏହି ଗୀତର ଲିରିକ୍ସ ଅମିତାଭ ଭଟ୍ଟାଚାର୍ଯ୍ୟ ଲେଖିଥିବା ବେଳେ ସୁନୀଧି ଚୌହାନ ଗାଇଥିଲେ ।

**ଭାଗ୍ ଡିକେ ବୋଷ:** 'ଦିଲ୍ଲୀ ବେଲୀ'ର ଗୀତ ଭାଗ୍ ଡିକେ ବୋଷ ଜିତେନ ଠୁକ୍ରାଲ୍ ଏବଂ ସୁମିର ତଗ୍ରାଙ୍କ ଏକ ଗୀତର କପିରାଇଟକୁ ଉଲ୍ଲଂଘନ କରିଥିଲା । ତାଙ୍କ ପାଖରେ 'ବୋସଡିକେ' ନାମକ ମୂଳ ରଚନା ଥିଲା । ଏହି ଚଳଚ୍ଚିତ୍ର ନିର୍ମାଣ କରିଥିବା ଆମୀର ଖାନ ପୁରା ମାମଲାକୁ ହାତକୁ ନେଇ ସମାଧାନ କରିଥିଲେ । ଏହି ଗୀତର ଶବ୍ଦଗୁଡ଼ିକର ଦ୍ୱିଅର୍ଥବୋଧକ ଥିଲା ଏବଂ ଅନେକ ଲୋକ ସେନ୍ସର ବୋର୍ଡକୁ ପ୍ରଶ୍ନ କରିଥିଲେ ଯେ ସେମାନେ କିପରି ଏହି ଗୀତକୁ ଅନୁମତି ଦେଲେ ।

**ରାଧା:** 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର'ର ଗୀତ 'ରାଧା' ମଧ୍ୟ ବିବାଦର ସମ୍ମୁଖୀନ ହୋଇଥିଲା । ଏହି ଗୀତ ସେହି ଲୋକମାନଙ୍କ ଭାବନାକୁ ଆଘାତ ଦେଇଥିଲା ଯେଉଁମାନେ 'ରାଧା'ଙ୍କୁ ଦେବୀ ବୋଲି ମାନୁଥିଲେ । ଏହି ଗୀତରେ ରାଧାଙ୍କ ପ୍ରତି ବିବାଦୀୟ ଶବ୍ଦ ବ୍ୟବହାର କରାଯାଇଥିବାରୁ ସେମାନେ ଏହାକୁ ନାପସନ୍ଦ କରିଥିଲେ । ରିପୋର୍ଟ ଅନୁଯାୟୀ, ଫିଲ୍ମର ନିର୍ମାତା କରଣ ଜୋହର ଏବଂ ଗୌରୀ ଖାନଙ୍କ ବିରୋଧରେ ଏକ ଅପରାଧିକ ମାମଲା ରୁଜୁ ହୋଇଥିଲା ।

**ରାଣା ଜୀ ମାଫ୍ କର୍‌ନା:** ୧୯୯୫ରେ ମୁକ୍ତିଲାଭ କରିଥିବା 'କରଣ ଅର୍ଜୁନ' ଚଳଚ୍ଚିତ୍ରର ପ୍ରସିଦ୍ଧ ଗୀତ 'ଗୁପ୍ ଚୁପ୍ ଗୁପ୍ ଚୁପ୍ ଗୁପ୍' ଏହାର ଦ୍ୱିଅର୍ଥବୋଧକ ଶବ୍ଦ ପାଇଁ ଚର୍ଚ୍ଚାରେ ଥିଲା । ଏହି ଗୀତକୁ ଇନ୍ଦିଭର୍ ଲେଖିଥିଲେ । ଏହାର ଲିରିକ୍ସ ଥିଲା, 'ଛତ ପେ ସୋୟା ଥା ବହନୋଇ, ମେ ତନେ ସମଞ୍ଝ କେ ସୋ ଗୟୀ ମୁଝକୋ ରାଣା ଜୀ ମାଫ୍ କର୍‌ନା ଗଲତୀ ମାରେ ସେ ହୋ ଗୟୀ' । ଏହି ଗୀତ ମମତା କୁଲକର୍ଣ୍ଣିଙ୍କ ଉପରେ ଚିତ୍ରିତ ହୋଇଥିଲା । ଏହି ପୁରା ଗୀତରେ ମମତା ତାଙ୍କ ଭିଣେଇଙ୍କ ସହ ବିତାଇଥିବା ରାତି ବିଷୟରେ କୁହାଯାଇଛି ।

**ଗୁଟୁର ଗୁଟୁର:** ୯୦ ଦଶକର 'ଦଲାଲ' ଫିଲ୍ମରେ ଏକ ଗୀତ ଥିଲା, ଯାହା ଅଶ୍ଳୀଳତାକୁ ପ୍ରୋତ୍ସାହନ କରୁଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଗୀତଟି ଥିଲା ମିଥୁନ ଚକ୍ରବର୍ତ୍ତୀ ଏବଂ ଆୟେଶା ଜୁଲ୍କାଙ୍କ ଉପରେ ଚିତ୍ରିତ 'ଗୁଟୁର ଗୁଟୁର' । ମାୟା ଗୋବିନ୍ଦଙ୍କ ଦ୍ୱାରା ଲିଖିତ ଏହି ଗୀତର ଲିରିକ୍ସ ଥିଲା 'ଚଢ ଗୟା ଉପର୍ ରେ ଅଟ୍ରିୟା ପେ ଲୋଟନ୍ କାବୁତର୍ ରେ, ପଞ୍ଛି ଦ୍ୱିୱାନା ଚୁଗ୍ କର ଦାନା, ଉଡ୍ ଗୟା ଫର୍ ଫର୍' । ଏହି ଗୀତଟିକୁ ଅଲକା ୟାଜ୍ଞିକ୍, ବାପି ଲାହିରି, ଇଲ୍ଲା ଅରୁଣ ଏବଂ କୁମାର ସାନୁ ଗାଇଥିଲେ ।

# ବାରମ୍ୱାର ଥଣ୍ଡା ହେଉଛି କି ?

**ଯଦି ଆପଣଙ୍କୁ ବାରମ୍ୱାର ଥଣ୍ଡା ହେଉଥାଏ ଓ ବିଶେଷ କରି ପାଗ ପରିବର୍ତ୍ତନ ହେବା ସମୟରେ ଥଣ୍ଡାଜ୍ୱର ଲାଗି ରହୁଥାଏ, ତେବେ ଏହାର ମୁଖ୍ୟ କାରଣ ହେଉଛି ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବା । ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବା ଦ୍ୱାରା ଶରୀର ସହଜରେ ରୋଗଗ୍ରସ୍ତ ହୋଇଥାଏ । ଏପରି କିଛି ଖାଦ୍ୟ ରହିଛି ଯାହାକୁ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ଓ ମଜଭୁତ ହୋଇଥାଏ ।**



- କାଜୁ , ବାଦାମ, ପେସ୍ତା ବାଦାମ ଆଦିକୁ ପାଣିରେ ଭିଜାଇ ଏହାକୁ ସକାଳେ ଖାଆନ୍ତୁ । ଏହା ମଧ୍ୟ ଶାରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଶରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ଯୋଗାଇଥାଏ ।
- ସାଲାଡ଼ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ଏଥିରେ ବିଭିନ୍ନ ପ୍ରକାର ପୋଷକ ଥିବାରୁ ଏହା ଖୁବ ସ୍ୱାସ୍ଥ୍ୟ ଉପକାରୀ । ଆପଣ ବିଟ, ଗାଜର, ପିଆଜ, କାକୁଡ଼ି ମିଶାଇ ଖାଇବା ମଧ୍ୟ ଉତ୍ତମ ।
- ତୁଳସୀ ଆଣ୍ଟି-ବାୟୋଟିକର କାମ କରିଥାଏ । ତେଣୁ ନିୟମିତ ତୁଳସୀ ସେବନ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।
- ଅଧିକ ପରିମାଣରେ ପାଣି ପିଅନ୍ତୁ । ପାଣି ପିଇବା ଦ୍ୱାରା ଶରୀରରୁ ଅଦରକାରୀ ପଦାର୍ଥ ନିର୍ଗତ ହେବାରେ ସହାୟକ ହୋଇଥାଏ । ଥଣ୍ଡା ପାଣି ପରିବର୍ତ୍ତେ ହାଲକା ଉଷୁମ ପାଣି ପିଇବା ଖୁବ ଉତ୍ତମ ।
- ଗଜା ମୁଗ, ବୁଟ ଓ ଡ଼ାଲି ଜାତୀୟ ଖାଦ୍ୟ ମଧ୍ୟ ଅଧିକ ପରିମାଣରେ ଖାଆନ୍ତୁ । ଏଥିରେ ଭରପୂର ମାତ୍ରାରେ ପୋଷଣ ଥାଏ । ଏ ସମସ୍ତ ଖାଦ୍ୟ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ଏହା ସହଜରେ ହଜମ ମଧ୍ୟ ହୋଇଥାଏ ।
- ଅଧିକ ରସଯୁକ୍ତ ଫଳ ଖାଇବା ଖୁବ ଉତ୍ତମ । ଯେପରି କମଳା ଆଦି ଅନ୍ୟାନ୍ୟ ଫଳ, ଏଥିରେ ଭିଟାମିନ ସି ପ୍ରଚୁର ପରିମାଣରେ ରହିଥାଏ । ଯାହା ରୋଗ ସହ ଲଢିବାକୁ ସାହାଯ୍ୟ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ । ମାତ୍ର ଫଳ ସହ କୌଣସି ଚାର୍ଟ ମସଲା, ଲୁଣ ମିଶାଇ ଖାଇବା ଉଚିତ ନୁହେଁ ।

# ଗୁଣକାରୀ ଅଦା

**ଶୀତୁଆ ସକାଳରେ, ସନ୍ଧ୍ୟାବେଳେ କପେ ଗରମାଗରମ ଅଦା ଚା' ପିଇଦେଲେ ପୂରା ଶରୀରଟା ଭାରି ଫୂର୍ତ୍ତି ଲାଗେ । ଅଦା ରସ ହେଉଛି ପୋଷକତତ୍ତ୍ୱର ଗନ୍ତାଘର । ଆଗ କାଳେ ଛୋଟ ପିଲା ହୁଅନ୍ତୁ କିମ୍ବା ବୟସ୍କ ଲୋକ, କାଶ, ଥଣ୍ଡା ହେବା ମାତ୍ରକେ ଅଦା, ତେଜ ପତ୍ର, ମିଶ୍ରି ଫୁଟା ପାଣି ପିଉଥିଲେ । ଧୀରେଧୀରେ ଏଇ ଘରୋଇ ଉପଚାରର ଆଦର କମିଯାଉଛି ।**

- ଶୀତଦିନେ ଥଣ୍ଡା ପାଗରେ ଅଧିକାଂଶଙ୍କର କାଶ ହୁଏ । ସକାଳୁ ସେମାନେ ଅଦା ଚା' ନଚେତ୍ ମିଶ୍ରି ଅଦା ଫୁଟା ଉଷୁମ ପାଣି ପିଇବା ଭଲ ।
- ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଆଣ୍ଠୁଗଣ୍ଠି ଦରଜ କମ୍ କରେ । ବୟସ୍କ ଲୋକ ପ୍ରତିଦିନ ଅଦା ରସ ମିଶା ଚା' ପିଇଲେ ସେମାନଙ୍କ ଶାରୀରିକ ସମସ୍ୟା କମ୍ ହୁଏ ।
- ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଉଥିବା ଅଦା ରସ ମଧୁମେହ ରୋଗୀଙ୍କ ପାଇଁ ଔଷଧ ଭଳି କାମ କରେ । ବିଶେଷଜ୍ଞ କହିଛନ୍ତି, ଶୀତଦିନେ ମଧୁମେହ ରୋଗୀମାନେ ଉଷୁମ ପାଣିରେ ଅଦା ରସ ମିଶାଇ ପିଇଲେ ଉପକାର ମିଳେ ।



THE AADHAR ODISHA
ଆଧାର ଓଡ଼ିଶା

# ରାଜ୍ୟରେ ଖୋଲିଲା ଆଉ ୨୯ଟି ନୂଆ ଥାନା

ଭୁବନେଶ୍ୱର: ରାଜ୍ୟରେ ଆଉ ୨୯ଟି ନୂଆ ଥାନା କାର୍ଯ୍ୟକ୍ଷମ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୨୧ଟି ଜିଲ୍ଲାରେ ୨୯ଟି ନୂଆ ଥାନାର ଲୋକାର୍ପଣ କରିଛନ୍ତି । ଏହି ନୂଆ ଥାନା ସହ ରାଜ୍ୟରେ ମୋଟ ଥାନା ସଂଖ୍ୟା ୭୦୮କୁ ବୃଦ୍ଧି ପାଇଛି । ଏଥିରେ ମେରାଇନ୍ ଓ ଏନର୍ଜି ଥାନା ମଧ୍ୟ ସାମିଲ ଅଛି ।

ମିଳିଥିବା ସୂଚନା ଅନୁସାରେ, ୨୯ଟି ଫାଣ୍ଡିକୁ ନୂଆ ଥାନା ଭାବେ ଉନ୍ନୀତ କରାଯାଇଛି । ଏଥିରେ ରାଜଧାନୀ ଭୁବନେଶ୍ୱରସ୍ଥିତ ସାଲିଆ ସାହିରେ ଥିବା ପାଣ୍ଡିକୁ ମୈତ୍ରୀବିହାର ଥାନା ଭାବେ ଉନ୍ନୀତ କରାଯାଇଥିବାବେଳେ ଜଗତସିଂହପୁର ଜିଲ୍ଲାର କୃଷ୍ଣାନନ୍ଦପୁର, ରାୟଗଡ଼ାର ରାମନାଗୁଡ଼ା, ଯାଜପୁରର ଅଲାକୁଣ୍ଡା ଓ ବ୍ରହ୍ମବରଦା, ଖୋର୍ଦ୍ଧାର ନାଚୁଣୀ, ସୁବର୍ଣ୍ଣପୁରର ଲଛିପୁର, ପୁରୀର ଚାରିଛକ, ଅନୁଗୁଳର ବାଗେଡ଼ିଆ, ଗୋଲାପପ୍ରସାଦ, ଢେଙ୍କାନାଳ ମହାବୀର ରୋଡ୍ , ଝାରସୁଗୁଡ଼ାର ଏୟାରପୋର୍ଟ ଥାନା, ମୟୂରଭଞ୍ଜର ଭଞ୍ଜପୁର ଥାନା, କେନ୍ଦ୍ରାପଡ଼ାର ଚଉଦାକୁଲାଟ ଓ କୁଦାନଗିରି, ଦେବଗଡ଼ର ଲାମୁରା, ନବରଙ୍ଗପୁରର ମୈଦାଲପୁର, କଟକର ମାଣିଆବନ୍ଧ, ଜୁଡୁମ, ଭଦ୍ରେଶ୍ୱର, କୋରାପୁଟର ସୁନକୀ, ବଲାଙ୍ଗିରର ଆଗଲପୁର , ବାଲେଶ୍ୱରର ଗୋପାଳପୁର, କଳାହାଣ୍ଡିର କଲାମପୁର, ଗଞ୍ଜାମର ବେଗୁନିଆପଡ଼ା,




କୋଟିନାଡା, ସମ୍ବଲପୁରର ବରେଇପାଲ୍ଲୀ, ବ୍ରହ୍ମପୁରର ନିମଖଣ୍ଡି ଓ ବୌଦ୍ଧର ଘଣ୍ଟାପଡ଼ା ପୁଲିସ ଫାଣ୍ଡିକୁ ଥାନାକୁ ଉନ୍ନୀତ କରାଯାଇଛି । ଏହି ସମସ୍ତ ଥାନାରେ ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥା ସହ ମହିଳା ଓ ଶିଶୁ ଡେସ୍କ ମଧ୍ୟ ରହିଛି । ଏହି ସମସ୍ତ ଥାନାକୁ ମୁଖ୍ୟମନ୍ତ୍ରୀ ଏକସଙ୍ଗେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଉଦଘାଟନ କରିଛନ୍ତି । ସୂଚନାଯୋଗ୍ୟ, ଗତ ୨୦୨୨ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୩୬ଟି ଥାନାର ଲୋକାର୍ପଣ କରିଥିଲେ ।

# ଦେଶର ୩ ଶ୍ରେଷ୍ଠ ଥାନା ମଧ୍ୟରେ ଓଡ଼ିଶାର ଆସିକା

ଭୁବନେଶ୍ୱର: ଓଡ଼ିଶା ପାଇଁ ଖୁସି ଖବର । ସର୍ବ ଭାରତୀୟ ସ୍ତରରେ ୩ ଶ୍ରେଷ୍ଠ ଥାନା ମଧ୍ୟରେ ଅନ୍ୟତମ ଭାବେ ମାନ୍ୟତା ପାଇଛି ଗଞ୍ଜାମ ଜିଲ୍ଲାର ଆସିକା ଥାନା । ଏନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ୧୬୫ଟି ବର୍ଗରେ ଏହି ସର୍ଭେ କରାଯାଇଥିଲା । ଏଥିରେ ଆସିକା ୯୪.୫୪% ମାର୍କ ହାସଲ କରିଛି । ମାମଲାର ତ୍ୱରିତ ପଦକ୍ଷେପ, ଉତ୍ତମ ବ୍ୟବହାର, ସଚ୍ଚୋଟ କର୍ମଚାରୀ, ସଫାସୁତୁରା, ଅଞ୍ଚଳବାସୀଙ୍କ ବୟାନ ଭଳି ୧୬୫ ବର୍ଗରେ ସର୍ବ ଭାରତୀୟ ସ୍ତରରେ ରେକର୍ଡ କରିଛି । ଆସିକା ଥାନାର ସଫଳତା ପରେ ଏସପି ଓ ଥାନା ଅଧିକାରୀ ପ୍ରଶାନ୍ତ ସାହୁଙ୍କୁ ସାଧୁବାଦ ଜଣାଇଛନ୍ତି ଦକ୍ଷିଣାଞ୍ଚଳ ପୁଲିସ ଆଇଜି ସତ୍ୟବ୍ରତ ଭୋଇ । ପ୍ରଶାନ୍ତ ସାହୁ ଥାନାର ଅଧିକାରୀ ଦାୟିତ୍ୱରେ ୨୦୧୯ ମସିହା ଅଗଷ୍ଟ ମାସରୁ ରହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ତ୍ୱରିତ ଅପରାଧ ଦମନ ଏବଂ ପୁଲିସ୍ ଓ ସାଧାରଣ ଲୋକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ପାଇଁ ଉଲ୍ଲେଖନୀୟ କାମ କରିଛନ୍ତି । ପୂର୍ବରୁ ୨୦୨୨ ମସିହାରେ ମଧ୍ୟ ଆସିକା ଥାନା ଦେଶର ଶ୍ରେଷ୍ଠ ୩ ଥାନା ମଧ୍ୟରେ ସ୍ଥାନ ଅଧିକାର କରିଥିଲା । ଜାନୁଆରୀ ୨୦ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସ୍କା ଥାନା ଅଧିକାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିବେ । ପୁରସ୍କାର ପ୍ରଦାନ ଉତ୍ସବ ନୂଆ ଦିଲ୍ଲୀର ଜାତୀୟ କୃଷି ବିଜ୍ଞାନ ପରିସରରେ ଅନୁଷ୍ଠିତ ହେବ ।




# ସାମ୍ବାଦିକରୁ ସଫଳ ଚାଷୀ ଭେଙ୍କଟେଶ୍ୱର




କଲ୍ୟାଣସିଂହପୁର/ରାୟଗଡା: ଆଜିକା ଯୁଗର ଲୋକେ ନିଜ ମାଟି ବିଲ କ୍ଷେତରୁ ଦୂରେଇଯାଇ ଯାକ ଜମକର ଜୀବନ ଅତିବାହିତ କରୁଥିବା ବେଳେ ଜଣେ ବରିଷ୍ଠ ସାମ୍ବାଦିକ ଦୀର୍ଘ ୨୮ ବର୍ଷ ସାମ୍ବାଦିକ କରିବାପରେ ଚାଷକୁ ମନ ବଳେଇବା ଘଟଣା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଭେଙ୍କଟେଶ୍ୱର ପାଢ଼ୀ । ଚାଷକୁ ନିଶାକରି ଦଶରୁ ପନ୍ଦର ପରିବାରକୁ ଦୈନିକ ରୋଜଗାର ଯୋଗାଇବା ସାଧାରଣ କଥା ନୁହେଁ । ଏମିତି ଜଣେ ବ୍ୟକ୍ତି ୨୮ବର୍ଷ ସାମ୍ବାଦିକତା କରି ବୈଜ୍ଞାନିକ ପଦ୍ଧତିରେ ପନିପରିବା ଚାଷକରି ଅଞ୍ଚଳରେ ବେଶ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ସେ ସାମ୍ବାଦିକତାରେ ପରିଚୟ ପାଇବା ନିଶ୍ଚିତ । କିନ୍ତୁ ବର୍ତ୍ତମାନ ସମାଜରେ ଭଲକରି ଚଳିବା ସହ ପରି ବାର ପୋଷିବା କଷ୍ଟକର ବ୍ୟାପାର । ତେଣୁ ନିଜର ଆଠ ଏକର ପଡିଆ ଜମିରେ ଭଳିକି ଭଳି ଫସଲ ଅମଳ କରି ନିଜର ଭିନ୍ନ ଏକ ପରିଚୟ ସୃଷ୍ଟିକରି ପାରିଛନ୍ତି । ଏହି ଜମିରେ ଟମାଟ, କୋବି, ବାଇଗଣ, ଲଙ୍କା ଓ ଅନ୍ୟାନ୍ୟ ଫସଲ କରି ଦୈନିକ ଦଶରୁ ପନ୍ଦର ପରିବାରକୁ କାର୍ଯ୍ୟ ଯୋଗଇ ସେମାନଙ୍କ ପରିବାର ଚଳାଇ ବେଶ୍ ଆନନ୍ଦରେ ଚଳି ଆସୁଛନ୍ତି । ଏହି କ୍ଷେତରେ କାମ କରୁଥିବା ଲୋକମାନେ ଗତ ଦୁଇବର୍ଷ ପୂର୍ବେ ରାଜ୍ୟ ବାହାରକୁ ଯାଇ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । କିନ୍ତୁ ଏହି ପରିବା ବଗିଚାରେ କାମ କରି ନିଜନିଜ ଗୁଜୁରାଣ ମେଣ୍ଟେଇ ପାରୁଛନ୍ତି ଆଉ ଏଠିକାର ପରିବା ରାଜ୍ୟ ଓ ରାଜ୍ୟ ବାହାରକୁ ବିକ୍ରି ପାଇଁ ବେପାରୀ ମାନେ ଆସି ନେଇଥାନ୍ତି ନିଜର ଉଦ୍ୟମରେ ଅନ୍ୟଙ୍କ ପାଇଁ ପ୍ରେରଣା ପାଲଟି ଥିବା ବେଳେ ରାଜ୍ୟ ସରକାର ପରିବା ଚାଷୀଙ୍କ ପାଇଁ ମଣ୍ଡି ଓ ଶୀତଳ ଭଣ୍ଡାର ବ୍ୟବସ୍ଥା ହେଲେ ଉଚ୍ଚଶିକ୍ଷିତ ଯୁବକ ଯୁବତୀ ମନେ ଚାକିରୀ ନପାଇ ହତାଶ ନହୋଇ ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି ସେ କହିଛନ୍ତି ।

# ଶିମିଳିପାଳରେ ବଢୁଛନ୍ତି କୁମ୍ଭୀର

ବାରିପଦା : ଶିମିଳିପାଳ ଜେବମଣ୍ଡଳରେ ବିଚିତ୍ର ସ୍ଥିତି ସୃଷ୍ଟି ହେଲାଣି । ଏଠାରେ ବାଘ ସଂଖ୍ୟା କମୁଥିବା ବେଳେ କୁମ୍ଭୀର ବଂଶ ବୃଦ୍ଧି ପାଉଛି । ଗତ ୬ ତାରିଖରୁ ୮ ତାରିଖ ଯାଏ କୁମ୍ଭୀର ଗଣନା ହୋଇଥିବା ବେଳେ ମୋଟ୍ ୮୬ଟି ବିଭିନ୍ନ ପ୍ରଜାତିର କୁମ୍ଭୀର ଠାବ ହୋଇଛନ୍ତି । ଶିମିଳିପାଳ ଓ ଏହାର ପାଦଦେଶରେ ଥିବା ନଦୀ, ନାଳ, ଝରଣା ସହ ଯଶିପୁର ରେଞ୍ଜ୍ ଅନ୍ତର୍ଗତ ରାମତୀର୍ଥ ପ୍ରଜନନ କେନ୍ଦ୍ରରେ କୁମ୍ଭୀର ଗଣନା କରାଯାଇଥିଲା । ପ୍ରତି ଟିମ୍‌ରେ ୭ ଜଣ ଲେଖାଏଁ କର୍ମଚାରୀ ଥାଇ ୯ଟି ଟିମ୍‌ରେ ୬୩ ଜଣ କର୍ମଚାରୀ କୁମ୍ଭୀର ଗଣନାରେ ସାମିଲ୍ ଥିଲେ । ୨୦୨୧ ମସିହା ଗଣନା ବେଳେ ୮୧ଟି କୁମ୍ଭୀର ଥିଲେ । ୨୦୨୨ରେ ଏହି ସଂଖ୍ୟା ସଂଖ୍ୟା ୮୩ ଥିବା ବେଳେ ଚଳିତ ବର୍ଷ ୮୬କୁ ବୃଦ୍ଧି ପାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି. ଅଶୋକ କୁମାର କହିଛନ୍ତି । ଯଦିଓ ବୃଦ୍ଧି ହାର ଖୁବ୍ ନଗଣ୍ୟ ତଥାପି କୁମ୍ଭୀର ସଂଖ୍ୟା ବିବା ଏହି ଜେବମଣ୍ଡଳ ପାଇଁ ଶୁଭ ଖବର । ଅନ୍ୟପକ୍ଷରେ, ବାଘଙ୍କ ପାଇଁ ଉପଯୁକ୍ତ ବାସସ୍ଥଳୀ କୁହାଯାଉଥିବା ଶିମିଳିପାଳ ନିଜର ପରିଚୟ ହରାଇବାକୁ ବସିଛି । ଅବାଧ ଶିକାର ହେଉ କି ଅନ୍ୟ କେଣସି କାରଣରୁ, ଏଠାରେ ବାଘ ସଂଖ୍ୟା କମିକମି ଯାଉଛି । ଏମିତିକି ଏବେ ଶିମିଳିପାଳରେ କେତେ ବାଘ ଅଛନ୍ତି, ସେନେଇ ବନବିଭାଗ ପାଖରେ କେଣସି ସ୍ପଷ୍ଟ ସୂଚନା ନାହିଁ ।

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।

## ଶିକ୍ଷା



# Correction of Errors

Wrong : Who are you talking?
Right : Who are you talking to?
Wrong : He has recently met with me.
Right : He has recently met me.
Wrong : Cultural activities are going on in the campus.
Right : Cultural activities are going on on the campus.
Wrong : Let's discuss about the current issue.
Right : Let's discuss the current issue.
Wrong : The reason is because they are hostile to him.
Right : The reason is they are hostile to him.
Wrong : She performed a we stern music in the evening on the Christmas Day in the Town Auditorium.
Right : She performed a western music in the Town Auditorium in the evening on Christmas Day. (adverb of place, specific time and then general time)
Wrong : We bought some Chinese new attractive utensils.
Right : We bought some new Chinese attractive utensils. (the order of adjectives :- age, national and quality)
Wrong : Please add some flavour with the curry.
Right : Please add some flavour to the curry.
Wrong : You can contact with me.
Right : You can contact me.
Wrong : Students will pay their dues by 15th of this month.
Right : Students shall pay their dues by 15th of this month.

# ଦିବ୍ୟାଙ୍ଗ ହେଲେ ବି ସକ୍ଷମ ଶୁଭଦ୍ରା

ବିଷମକଟକ: ଜନ୍ମରୁ ଦିବ୍ୟାଙ୍ଗ । ଦୁଇଟି ହାତ ନାହିଁ । ହେଲେ ଏ ଯୁବତୀକୁ ଦେଖି ଆପଣ ଭାବୁଥିବେ କେମିତି ଚଳୁଛି ବୋଲି । ନାହି ଆଙ୍ଗୁଳା ହାତସିନା ନାହିଁ ହେଲେ ଗୋଡ ପାଲଟିଛି ଯୁବତୀଙ୍କ ସାହାରା । ଆଉ ଏ ଗୋଡ ସାହାଯ୍ୟରେ ସବୁକିଛି କାମ କରିପାରୁଛନ୍ତି ଏ ଦିବ୍ୟାଙ୍ଗ ଯୁବତୀ ଜଣକ । ଗୋଡରେ କଲମ ଧରି ଏପରି ଲେଖୁଛନ୍ତି । ଯାହାକି ଆଖିକୁ ଦେଖିଲେ କେବେ ବିଶ୍ୱାସ କରିହେବ ନାହିଁ ଯେ ଏ ଅକ୍ଷର କୌଣସି ହାତ ନଥିବା ଲୋକଙ୍କ ଲେଖା ବୋଲି । ଆଉ ଏ ଗୋଡ ମାଧ୍ୟମରେ ଲେଖି ଦଶମ ଶ୍ରେଣୀ ପାସ୍ କରିଛନ୍ତି ଏ ଦିବ୍ୟାଙ୍ଗ ଯୁବତୀ ଜଣକ । କେବଳ ଲେଖୁଛନ୍ତି ତାହାନୁହଁ । ରୋଷେଇ କରିବା, ଘର ଅଳେ ଇବା, ବାସନ ମାଜିବା ଏପରି ଅନେକ କାର୍ଯ୍ୟ ଏହି ଗୋଡ ମାଧ୍ୟମରେ କରିପାରୁଛନ୍ତି ଯୁବତୀ ଜଣକ । ଏ ଯୁବତୀ ଜଣଙ୍କ ହେଲେ ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ଗ୍ରାମର ୨୬ ବର୍ଷର ଦିବ୍ୟାଙ୍ଗ ଯୁବତୀ ସୁଭଦ୍ରା ବାଥ୍ରା । ଜନ୍ମରୁ ଦିବ୍ୟାଙ୍ଗ । ଛୋଟବେଳୁ ବାପା ଆରପାରିକୁ ଚାଲିଗଲେ । କେବଳ ମାଁ ହି ପାଳି ପୋଷି ଏବେ ବଡ କରିଛନ୍ତି । ଆଉ ବୃଦ୍ଧା ମାଁକୁ ଛାଡିଦେଲେ ସଂସାରରେ ଆହା କହିବାକୁ କେହି ନାହାନ୍ତି । ସେପଟେ ଝିଅର ଏପରି ଅବସ୍ଥା ଦେଖି ମାଁ ସୁଲଚନା ଝିଅକୁ ଦଶମ



ଶ୍ରେଣୀ ପର୍ଯ୍ୟନ୍ତ ପାଠମଧ ପଢେଇଲେ । ଭାବିଥିଲେ ପାଠ ପଢିଲେ ଝିଅର କିଛିସୁବିଧା ପାଇଯିବ ବୋଲି । ହେଲେ କିଛି ସୁବିଧା ଏ ପର୍ଯ୍ୟନ୍ତ ପାଇଲା ନାହିଁ ଝିଅ । ସେପଟେ ସମୟ ଗଡ଼ିବା ସହିତ ମାଁର ମଧ ବୟସ ଗଡୁଛି । ମାର ଯଦି କଣ ହୋଇଯାଏ ଝିଅର ବୁଝାସୁଝା କିଏ କରିବ, କେମିତି ଚଳିବ ବୋଲି ଏବେ ଠାରୁ ଚିନ୍ତାରେ ମାଁ ସୁଲଚନା । ସେପଟେ ଅଭାବ ଅନଟନରୁ ବଞ୍ଚୁଥିବା ମା ଝିଅଙ୍କୁ ରହିବା ପାଇଁ ଭଲଘର ଖଣ୍ଡିଏ ନାହିଁ । ଆଉ ଝିଅକୁ ଛାଡି ମାଁ ମଧ କୁଆଡେ ରୋଜଗାର କରିବାକୁ ଯାଇ ପାରୁନାହାନ୍ତି । ସରକାରୀ ସହାୟତା କହିଲେ କେବଳ ପାଞ୍ଚକେଜି ଚାଉଳ ଓ ଦିବ୍ୟାଙ୍ଗ ଭତ୍ତାକୁ ଛାଡିଦେଲେ ଆଉ କିଛିନାହିଁ । ଅର୍ଣ୍ଣପୂର୍ଣ୍ଣନା ଯୋଜନା ମାଧ୍ୟମରେ ୩୫ କେ.ଜି ଚାଉଳ ପାଇବା ପାଇଁ ଅନେକ ବାର ସ୍ଥାନୀୟ ନେତା ଓ ପ୍ରଶାସନର ଦ୍ୱାରସ୍ଥ ମଧ ହୋଇଥିଲେ ଦୁହେଁ ମାଁ ଝିଅ ହେଲେ କିଛି ସୁଫଳ ମିଳିଲାନାହିଁ । ସେପଟେ ସୁଭଦ୍ରା ମାଟ୍ରିକ ପାସ କରିଛନ୍ତି । ମାର ମୃତ୍ୟୁ ପରେ ଝିଅଟି ପୁରା ବେସାହାରା ହୋଇଯିବ । ଝିଅର ଯୋଗ୍ୟତା ହିସାବରେ କେଉଁଠି ଦୁଇପଇସା ରୋଜଗାର କରିଲାଭଳି କାମଧନ୍ଦା ସରକାରଙ୍କ ତରଫରୁ ଯୋଗାଇ ଦେଲେ ସାହାଯ୍ୟ ପାଇ ହସଖୁସିରେ ମା ଝିଅ ଚଳିପାରନ୍ତେ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଆଶା କରୁଛୁ ଏ ଦିବ୍ୟାଙ୍ଗ ଯୁବତୀଙ୍କ ପ୍ରତି ସରକାର ଓ ପ୍ରଶାସନ କିମ୍ବା କୌଣସି ସଂଗଠନ ପକ୍ଷରୁ ଯଥାଶିଘ୍ର ସହାୟତା ପ୍ରଦାନ କରାଯାଇ ବଞ୍ଚିବାର ରାହା ଦେଖାଇବ ସହ ଯୁବତୀଙ୍କ ଚଲାପଥ କୁସୁମିତ ହେବ ।

# ବିନିକା ଏନ୍ଏସିରେ ହକିରଥ ଉଦ୍‌ଘାଟିତ

ବିନିକା/ସୁବର୍ଣପୁର: ବିନିକା ଏନ୍ଏସିରେ ପକ୍ଷରୁ ପୁରୁଷ ବିଶ୍ୱକପ ହକି ରଥ ବୁଧବାର ଦିନ ଉଦ୍‌ଘାଟନି ଉତ୍ସବରେ ନାଚିଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ । ବିନିକା ଏନ୍ଏସି ପରିସରରେ ବିରମାହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲାପାଳ ଅବୋଳି ସୁନିଲ ନରଓ୍ୱଣ, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ପତାକା ଦେଖାଇ ହକି ପୁରୁଷ ବିଶ୍ୱକପ ୨୦୨୩ ରଥକୁ ଶୁଭାରମ୍ଭ କରିଥିଲେ । ହକି ରଥକୁ ବିନିକା ଏନ୍ଏସି କାଉନ୍ସିଲ କର୍ମକର୍ତ୍ତା, ବିଭିନ୍ନ ଶିକ୍ଷାନୁଷ୍ଠାନ, ଏସ୍ଏଚଜି ମହିଳା ପ୍ରମୁଖ ତ୍ରିରଙ୍ଗା ପତକା ହଲାଇ ସ୍ୱାଗତ କରିଥିଲେ । ପରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ହକି ରଥ ଆମ୍ବେଦକର ଛକ, ଦୁର୍ଗାମନ୍ଦିର, ତହସିଲ ଛକ, ଜଗନ୍ନାଥ ମନ୍ଦିର ଛକ ଦେଇ ସହର ପରିକ୍ରମା କରିଥିଲା । ଏହି ଉତ୍ସବରେ ବିନିକା ଏନ୍ଏସି ଅଧକ୍ଷ ସୁବାଷ ଚନ୍ଦ୍ର ଭୋଇ, ବିନିକା ତହସିଲଦାର ତଥା ଏନଏସି ଭାରାପ୍ରାପ୍ତ କାର୍ଯ୍ୟନିର୍ବାହି ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହି, ବିନିକା ବିଡ଼ିଓ ବ୍ୟାସଦେବ ବେହେରା, ଏନ୍ଏସି ଉପାଧକ୍ଷା ତପସ୍ୱିନୀ ମେହେର, କାଉନ୍ସିଲର– ବିଜୟ ନାରାୟଣ ବରାଇ, ପ୍ରଦୀପ ବାଘ, ଆଶାରାଣୀ ପଣ୍ଡା, ଜିତେନ୍ଦ୍ର ମଲ୍ଲିକ, କଳ୍ପନା ଦୀପ, ବେରାଗି ପଧାନ ପ୍ରମୁଖ ଯୋଗଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ହକି ପ୍ରେମରେ..

କୁଣ୍ଡାରେ ଏକ ବିଶାଳ ହକି ବିଶ୍ୱକପର ଆକୃତି ତିଆରି କରିଛନ୍ତି ବାଲୁକା ଶୀଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଧାନ କୁଣ୍ଡାରେ ଏପରି ହକି ବିଶ୍ୱକପର ଆକୃତୀ ତିଆରି କରଯାଇଛି ।

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଅତ୍ୟନ୍ତ ସଫଳତାର ସହ ୨୦୧୮ରେ ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଆୟୋଜିତ ହେବା ପରେ ଦ୍ୱିତୀୟ ଥର ଏହାକୁ ଆୟୋଜନ କରିବାର ଅଧିକାର ହାସଲ କରିଛି । ଏଥିଲାଗି ଭୁବନେଶ୍ୱର ବ୍ୟତୀତ ରାଉରକେଲାରେ ଆଉ ଏକ ଅତ୍ୟାଧୁନିକ ତଥା ଏଫ୍ଆଇଏଚ୍ ଲେଭଲ–୧ ମାନ୍ୟତାପ୍ରାପ୍ତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍ ନିର୍ମାଣ କରାଯାଇଛି । ହକି ଖେଳକୁ ଏବଂ ଚଳିତ ବିଶ୍ୱକପ୍‌କୁ ଲୋକପ୍ରିୟ କରାଇବାକୁ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ବିଶ୍ୱକପ୍ ଟ୍ରଫି ଭ୍ରମଣ, ବିଶ୍ୱ ତଥା ଭାରତୀୟ କିମ୍ବଦନ୍ତୀ ଖେଳାଳିଙ୍କୁ ବିଶ୍ୱକପ୍ ଦେଖିବା ଲାଗି ଆମନ୍ତ୍ରଣ, ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ (ଉତ୍‌ଫଷ୍ଟ ଆଦି) ଆୟୋଜନ କରାଯାଇ ଏହି ଟୁର୍ଣ୍ଣାମେଣ୍ଟକୁ ଏକ ମହୋତ୍ସବରେ ପରିଣତ କରିଛନ୍ତି । ଏହା ଫଳରେ ଓଡ଼ିଶା ବିଶ୍ୱରେ ଅନ୍ୟ ଦେଶମାନଙ୍କ ଲାଗି ଏକ ଉଦାହରଣ ସୃଷ୍ଟି କରିବାରେ ସମର୍ଥ ହୋଇଛି ।

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଓ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଛି ମହାସମର । ୧୭ ଦିନ ବ୍ୟାପୀ ଚାଲିବାକୁ ଥିବା ହକି ମହାକୁମ୍ଭ ଏଥିପାଇଁ ସମରସଜ୍ଜା କରିଛନ୍ତି ୧୬ଟି ଦଳର ଯୋଦ୍ଧା । ଶୁକ୍ରବାର ଉଦଘାଟନୀ ଦିବସରେ ଖେଳାଯିବ ୪ଟି ମ୍ୟାଚ୍ । ବିର୍ସା ମୁଣ୍ଡା ଷ୍ଟାଡିୟମରୁ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ ଆୟୋଜକ ଭାରତ । ଚଳିତ ବିଶ୍ୱକପ୍ ତାଜ୍ ପାଇଁ ବିଶ୍ୱର ବଛା ବଛା ୧୬ଟି ଦଳ ମଧ୍ୟରେ ଖେଳାଯିବ ମୋଟ୍ ୬୪ଟି ମ୍ୟାଚ୍ । ପୁରା ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଦର୍ଶନକୁ ନେଇ ଢେର ଆଶାବାଦୀ ଅଛନ୍ତି କ୍ରୀଡ଼ାପ୍ରେମୀ । କାରଣ ଲଗାତର ଦ୍ୱିତୀୟ ଥର ପାଇଁ ସମ୍ପୂର୍ଣ୍ଣ ଘରୋଇ ପରିବେଶରେ ଖେଳିବାକୁ ଯାଉଛନ୍ତି ଟିମ୍ ହରପ୍ରୀତ ଆଣ୍ଡ୍ କୋ । କୋଚ୍ ଗ୍ରାହମ୍ ରିଡଙ୍କ ନୂଆ ରଣନୀତିକୁ ବଳ କରି ମଇଦାନକୁ ଓହ୍ଲାଉଛି ଭାରତୀୟ ଦଳ । ଦୀର୍ଘ ୪୮ ବର୍ଷ ହେଲା ଟିମ ଇଣ୍ଡିଆ ହକି ବିଶ୍ୱକପରେ ମେଡାଲ ଜିତିନି । ଦଳ ୧୯୭୫ରେ ଶେଷଥର ପାଇଁ କ୍ୱାଲାଲମ୍ପୁରରେ ଆୟୋଜିତ ବିଶ୍ୱକପରେ ଚାମ୍ପିୟନ ହୋଇଥିଲା । ସେତେବେଳେ ଅଜିତ ପଲ ସିଂହ କ୍ୟାପ୍‌ଟେନ୍ ଥିଲେ । ସେବେଠାରୁ ଆଜି ଯାଏ ଭାରତ କେବେ ହେଲେ ବିଶ୍ୱକପର ଟପ୍ ୩ ଦଳ ମଧ୍ୟରେ ରହିବାକୁ ସକ୍ଷମ ହୋଇନି । କିନ୍ତୁ ଚଳିତ ବିଶ୍ୱକପରେ ଭାରତର ଭାଗ୍ୟ ଓଡ଼ିଶାରେ ବଦଳିବ ବୋଲି ସମସ୍ତେ ଆଶା ରଖିଛନ୍ତି ।

ସେପଟେ ଆଜି ବିଶ୍ୱକପ୍ ଟ୍ରଫି ରାଉଲକେଲାରେ ପହଞ୍ଚିବା ପରେ ସେଠାରେ ସୃଷ୍ଟି ହୋଇଥିଲା ଭବ୍ୟ ପରିବେଶ ଟ୍ରଫିକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ରାଉରକେଲାବାସୀ । ବେଦବ୍ୟାସ ମନ୍ଦିରରେ ପୂଜାର୍ଚ୍ଚନା ପରେ ସହର ପରିକ୍ରମା କରିଥିଲା ଟ୍ରଫି । ଏହି ଅବସରରେ ବ୍ରାହ୍ମଣୀ ବ୍ରିଜ୍ ଉପରେ ୨୫୦ରୁ ଅଧିକ ଓଡ଼ିଶା ନୃତ୍ୟଶିଳ୍ପୀଙ୍କ ସମବେତ ନୃତ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା । ସହରର ସମସ୍ତ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଆସି ଟ୍ରଫିକୁ ସ୍ୱାଗତ କରିଥିଲେ । ଚଳିତ ଥର ଭାରତ ସମେତ ଅଷ୍ଟ୍ରେଲିଆ, ନେଦରଲ୍ୟାଣ୍ଡସ୍, ଜର୍ମାନୀ ଏବଂ ବେଲଜିୟମକୁ ବିଶ୍ୱକପ ଦାବିଦାର କୁହାଯାଉଛି । ନେଦରଲ୍ୟାଣ୍ଡସ ୩ ଥର ବିଶ୍ୱକପ ଟାଇଟଲ ଜିତିଥିବାବେଳେ ୨୦୧୮ରେ ରନର୍ସ ଅପ୍ରେ ସନ୍ତୁଷ୍ଟ ରହିଥିଲା ଅଷ୍ଟ୍ରେଲିଆ ମଧ ୩ ଥର ବିଶ୍ୱକପ୍ ଟ୍ରଫି ହାସଲ କରିଥିବା ବେଳେ ଜର୍ମାନୀ ଓ ଡିଫେଣ୍ଡିଂ ଚାମ୍ପିୟନ୍ ବେଲଜିୟମ୍ ଜବରଦସ୍ତ ଫର୍ମରେ ଅଛନ୍ତି ।

### ଆସନ୍ତା ୧ରେ...

ପ୍ରଥମ ଭାଗରେ ଦୁଇ ସଦନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ । ଏଥିସହ ପୂର୍ଣ୍ଣାଙ୍ଗ ବଜେଟ୍ ଉପରେ ଆଲୋଚନା କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ହେବାକୁ ଥିବା ଧନ୍ୟବାଦ ପ୍ରସ୍ତାବର ଜବାବ ଦେବେ । ସେହିପରି ଅର୍ଥମନ୍ତ୍ରୀ ସୀତାରମଣ କେନ୍ଦ୍ରୀୟ ବଜେଟ୍ ଉପରେ ନିଜର ପକ୍ଷ ରଖିବେ ।

### ଚାଉଳ ପରେ ମିଶନ...

ଋଣ ସୁଧ ଫେରସ୍ତ କାର୍ଯ୍ୟକ୍ରମ କରିଛନ୍ତି । ୧୨୫ କୋଟି ଟଙ୍କା ସୁଧ ରିହାତି ରାଜ୍ୟ ସରକାର ବାଣ୍ଟିବା ପରେ ଜୋର ଧରିଛି ରାଜ୍ୟ ରାଜନୀତି । ବିଜେପି କହିଛି, ମହିଳାଙ୍କୁ ସୁଧ ରିହାତି ପଛରେ ଶ୍ରେୟ କେନ୍ଦ୍ରର । କେନ୍ଦ୍ର ସରକାରଙ୍କ ଦୀନ ଦୟାଲ ଅନ୍ତୋଦୟ ଯୋଜନାରେ ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନାବାର୍ଡ ମାଧ୍ୟମରେ କେନ୍ଦ୍ର ଦେଉଛି ଋଣ । ଦେଶର ୭୧୧ ଜିଲ୍ଲା, ୬ ହଜାର ୮୬୧ଟି ବ୍ଲକରେ ୩୩ ଲକ୍ଷ ସ୍ୱୟଂ ସହାୟକମାନେ ଆର୍ଥିକ ଲାଭ ପାଉଛନ୍ତି । ମୋଟ ସୁଧ ରାଶିର ୭ ପ୍ରତିଶତ ହେଉଛି କେନ୍ଦ୍ର ସରକାରଙ୍କର, ୪ ପ୍ରତିଶତ ହେଉଛି ରାଜ୍ୟ ସରକାରଙ୍କର । ତେଣୁ ଏହି ପ୍ରସଙ୍ଗ ନେଇ ବିଜେପି ମହିଳା ମୋର୍ଚ୍ଚା ଗାଁ ଗାଁକୁ ଯିବ । ରାଜ୍ୟର ପାଖା ପାଖି ୫୦ ପ୍ରତିଶତ ହେଉଛନ୍ତି ମହିଳା ଭୋଟର । ଗତ କିଛି ନିର୍ବାଚନରେ ପରୁଷଙ୍କ ଅପେକ୍ଷା ମହିଳାଙ୍କ ମତଦାନ ହାର ଅଧିକ ରହିଛି । ଆଉ ମହିଳା ଭୋଟ ପଛରେ ନିର୍ଣ୍ଣାୟକ ଭୂମିକା ରହିଛି ଏସଏଚ୍‌ଜି ଗ୍ରୁପର । ସେଥିଲାଗି ମହିଳା ସଂଘ ସହାୟକ ଗୋଷ୍ଠୀଙ୍କ ପଟେ ରହିବାକୁ ଏବେ ଚାଲିଛି ପ୍ରତିଯୋଗିତା ।

# ଟେଲିକମ୍ ଉପଭୋକ୍ତା ସଚେତନତା କର୍ମଶଳା

ରାୟଗଡା: ଉପଭୋକ୍ତା ଓକିଲାତି ସଂଘ ବାର୍ଡ ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଏକ ଦିନିକିଆ ସାଇବର ନିରାପତ୍ତା ଟେଲିକମ୍ ଓ ଗ୍ରାହକ ଅଧିକାର ଓ ଅଭିଯୋଗ ସମ୍ବନ୍ଧୀୟ କର୍ମଶାଳାକୁ ମୁଖ୍ୟ ଅତିଥିରୂପେ ରାୟଗଡା ଜିଲ୍ଲାର ଜିଲ୍ଲାପାଳ ସୁଧାଦେବୀ ସିଂହ ଉଦ୍‌ଘାଟନ କରିଥିଲେ । ଗ୍ରାମାଞ୍ଚଳର ଶତକଡା ୯୫ ଭାଗ ଟେଲିକମ, ମୋବାଇଲ, ଇଣ୍ଟରନେଟ୍, ଡିଟିଏଚ୍ ଗ୍ରାହକ ବହୁଳ ମାତ୍ରାରେ ବ୍ୟବହାର କରନ୍ତି କିନ୍ତୁ ଟେଲିକମ ଗ୍ରାହକ ସେମାନେ ସେମାନଙ୍କ ଅଧିକାର ଉପରେ ସଚେତନତା ନୁହନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ରାୟଗଡା ଜିଲ୍ଲାରେ କଲେଜମାନଙ୍କରେ ସଚେତନ କାର୍ଯ୍ୟକ୍ରମ ଓ ଜିଲ୍ଲା ଖାଉଟି ଅଦାଲତ ଖାଲିଥିବା ପଦବୀ ପୂରଣ ପାଇଁ ସରକାର ଅନୁରୋଧ କରାଯିବା ସେ ମତ ରଖିଥିଲେ ଓ ମୋବାଇଲ ଟାୱାର ବିକରଣ ଓ ପ୍ରତ୍ୟେକ ଟେଲିକମ କମ୍ପାନୀ ମାନେ ଟ୍ରାଇ ନିୟମ କାନୁନ୍ ମାନିବା ପାଇଁ ପରାମର୍ଶ ଦେଇଥିଲେ । ବାର୍ଡ ମୁଖ୍ୟ ପ୍ରକାଶ ଚନ୍ଦ୍ର ସାହୁ ସାଇବାର ନିରାପତ୍ତା ଓ ଗ୍ରାହକ ମାନେ କିପରି ସେମାନଙ୍କ ଅଭିଯୋଗ କରିପାରିବେ ସେହି ବ୍ୟବସ୍ଥା ଛାଡି କମ୍ପାନୀମାନେ ଜାଣିଶୁଣି ଅଭିଯୋଗ ପ୍ରଣାଳୀ ସରଳ କରନ୍ତି ନାହିଁ । ଫଳରେ କମ୍ପାନୀ ଏହାର ସୁଯୋଗ ନେଇ ଗ୍ରାହକକୁ ଦିନରାତି ଲୁଟୁଛନ୍ତି । ଆଦିବାସୀ ଅଞ୍ଚଳରେ ନେଟ୍‌ୱାର୍କ ସମସ୍ୟା, ଫେକ୍ ମେସେଜ, ନୋଡାଲ ଓ ଅପଲଟେ ଅଧିକାରୀଙ୍କ ତଥ୍ୟ ସାର୍ବଜନୀକ ନକରିବା, ଟ୍ରାଇର ଭ୍ୟାଲିଡିଟି ୨୮ ରୁ ୩୦ ଦିନ ନିୟମ କଲେବି ଟେଲିକମ କମ୍ପଔନୀ ଆଜି ସୁଦ୍ଧା କାର୍ଯ୍ୟକ୍ଷମ ନକରିବା, ଘୋରାଇ ଇଣ୍ଟରନେଟ୍ ସେବାକାରୀ ଓ ଡ଼ିଟିଏଚ ଗ୍ରାହକଠାରୁ ଅଧିକ ମାସିକ ଦର ନେଇଥାନ୍ତି । ଯାହାକୁ ନେଇ ବୈଠକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

ଅଧିକରୁ ଅଧିକ ଟେଲିକମ୍ ଓ ସମ୍ପୃକ୍ତ ସେବା ପ୍ରଦାନ ଅଧିକାରୀ ଗ୍ରାମଞ୍ଚଳରେ ଖାଉଟି କାର୍ମଶାଳା ଗ୍ରାହକ ମାର୍ଗଦର୍ଶନ ଶିବିର କରିବା, ଅଧିକ ଟୋଲଫ୍ରି, ଓଡିଆ ଭାଷରେ ସୁଗମ୍ୟ କରିବା, ଘଣ୍ଟା ପ୍ରକାରେ ଟେଲିକମ କମ୍ପାନୀ ମାନେ ଦେୟ ଧାର୍ଯ୍ୟ କରିବା ଓ ଟ୍ରାଇ ନିୟମ ଓ ନିର୍ଦ୍ଦେଶାବଳୀକୁ କଡାକଡି ଭାବରେ ପାଳନ କରିବା ଉପରେ ଖାଉଟି କର୍ମୀ ମତ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପରମାନନ୍ଦ ବେହେରା,ଜିଲ୍ଲା ସାମାଜିକ ସୁରକ୍ଷା ସୁରେନ୍ଦ୍ର ଗମାଙ୍ଗ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ ଚନ୍ଦ୍ର ବେହେରା ,ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଜେ. ବେଉରା ଯୋଗଦେଇଥିଲେ ।

# ପିଚ୍ ତିଆରି ଆଳରେ ଲକ୍ଷ୍ୟାଧିକ ଟଙ୍କା ଚଳୁ



ଭବାନୀପାଟଣା: ସରକାର କ୍ରୀଡାର ବିକାଶ ତଥା ଖେଳ ଏବଂ ଖେଳାଳି ମାନଙ୍କ ଉନ୍ନତି ନିମନ୍ତେ ଉନ୍ନତ ମାନର କ୍ରୀଡା ଉପକରଣ ଯୋଗାଇଦେବା ସହ ଅତ୍ୟାଧୁନିକ ଖେଳ ପଡିଆ ପ୍ରସ୍ତୁତ ନିମନ୍ତେ ଲକ୍ଷ୍ୟାଧିକ ଟଙ୍କା ବ୍ୟୟ କରୁଛନ୍ତି । କିନ୍ତୁ ବିଡମ୍ବନାର ବିଷୟ କିଛି ଅସାଧୁ ଭ୍ରଷ୍ଟ ସରକାରୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ସଲାସୁତୁରାରେ କିଭଳି ଲକ୍ଷ୍ୟାଧିକ ସରକାରି ଅର୍ଥ ହରିଲୁଟ ହେଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ସ୍ଥିତ ଲାଲବହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଟେନିସ୍ ଗ୍ରାଉଣ୍ଡ ନିର୍ମାଣରେ । ପ୍ରକାଶ ଥାଉକି ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଭିତରେ ଥିବା ଟେନିସ୍ ଗ୍ରାଉଣ୍ଡ ନବୀକରଣ ନିମନ୍ତେ ପଞ୍ଚାୟତ ସମିତି ଭବାନୀପାଟଣା କ୍ରିଟିକାଲ ପାଣ୍ଠିରୁ ୯ ଲକ୍ଷ୍ୟ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ଟେନିସ୍ ଗ୍ରାଉଣ୍ଡ୍‌ଟିକୁ ସିନ୍ଥେଟିକ ଗ୍ରାଉଣ୍ଡ କରିବା ପରିବର୍ତ୍ତେ ରାତାରାତି ଯୁଦ୍ଧକାଳୀନ ଭିତରେ ପିଚୁ ଢାଳି ଅତ୍ୟନ୍ତ ନିମ୍ନ ମାନର ଗ୍ରାଉଣ୍ଡ ପ୍ରସ୍ତୁତ କରିଥିବା ଅଭିଯୋଗ ଆସିଛି । ହେଲିପ୍ୟାଡ଼ ପରି ଦିଶୁଥିବା ଏହି ଟେନିସ୍ ଗ୍ରାଉଣ୍ଡ ଟିର ପ୍ରସ୍ତୁତି ଏବଂ ସ୍ଥାୟିତ୍ୱକୁ ନେଇ ଉଠିଛି ପ୍ରଶ୍ନ । ପ୍ରଶ୍ନ ଉଠାଇଛନ୍ତି ଖୋଦ ଟେନିସ୍ ଖେଳାଳି ଏବଂ ସହରର ବହୁ ବୁଦ୍ଧିଜୀବୀ । ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଖେଳାଳିମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟିଦେଇ ଏହି ଦୁର୍ନୀତିରେ ସମ୍ପୃକ୍ତି ଥିବା ଯନ୍ତ୍ରୀ ଏବଂ ଠିକାଦାରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି ।

# ସ୍ନାନ ଓ ଦାନର ପର୍ବ ମକର ସଂକ୍ରାନ୍ତି



ପ୍ରଭାସ କୁମାର ରାଉତରାୟ

ମକର ସଂକ୍ରାନ୍ତି ଏକ ସର୍ବ ଭାରତୀୟ ପର୍ବ । ହିନ୍ଦୁ ଧର୍ମରେ ମକର ସଂକ୍ରାନ୍ତିର ବିଶେଷ ମହତ୍ତ୍ୱ ରହିଛି । ଏହି ପର୍ବକୁ ସମସ୍ତେ ଉତ୍ସାହର ସହିତ ପାଳନ କରନ୍ତି । ଭାରତ ବାହାରେ ରୋମାନ ଓ ଇହୁଦୀମାନେ ମଧ୍ୟ ଏହିପର୍ବ ପାଳନ କରିଥାନ୍ତି । ଭାରତର ବିଭିନ୍ନ ଅଞ୍ଚଳ ଅପେକ୍ଷା ଦକ୍ଷିଣ ଭାରତରେ ଏହା ସବୁଠାରୁ ବଡ଼ ପର୍ବ । ଏହି ପର୍ବକୁ ଦେଶର କୋଣ ଅନୁକୋଣରେ ବିଭିନ୍ନ ସମ୍ପ୍ରଦାୟର ଲୋକ ଭିନ୍ନ ଭିନ୍ନ ଭାବେ ପାଳନ କରିଥାନ୍ତି । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି । ସୌର ଗଣନା ଅନୁସାରେ ମକର ସଂକ୍ରାନ୍ତିକୁ ମକର ମାସର ପ୍ରଥମ ଦିନ ହିସାବରେ ଗ୍ରହଣ କରାଯାଏ । ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କର ସଂକ୍ରମଣ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନ କରିବାର ଦିନ । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରନ୍ତି । ଏହି ଦିନଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ । ମକର ସଂକ୍ରାନ୍ତିର ପୁଣ୍ୟକାଳରେ ପ୍ରତ୍ୟୁଷରୁ ନଦୀ, ପୋଖରୀ ଆଦିରେ ସ୍ନାନାଦି କାର୍ଯ୍ୟ ସମାପନ କରି ସୂର୍ଯ୍ୟଙ୍କୁ ଦର୍ଶନ କଲେ, ସକଳ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି । ସେହିପରି ଉତ୍ତରାୟଣ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସମୟରେ ଜଳ, ଲାଲପୁଷ୍ପ, ଫଳ, ବସ୍ତ୍ର, ଗହମ, ଅକ୍ଷତ ଚାଉଳ ଆଦି ଅର୍ପଣ କରିବା ଦ୍ୱାରା ବିଶେଷ କୃପା ପ୍ରାପ୍ତ ହୋଇଥାଏ । ଭଗବାନ ବିଷ୍ଣୁ, ମା' ଲକ୍ଷ୍ମୀ ଓ ମହାଦେବଙ୍କୁ ମଧ୍ୟ ମକର ସଂକ୍ରାନ୍ତିରେ ପୂଜା କରାଯାଏ । ପୂଜା ପରେ ଗରିବ ଲୋକଙ୍କୁ ଦାନ କଲେ ପୂଣ୍ୟ ମିଳେ । ଏହିଦିନ ଗୁଡ଼ି ଉଡ଼ାଇବାର ବିଶେଷ ପରମ୍ପରା ରହିଛି ।

### ପର୍ବ ଏକ ନାମ ଅନେକ


ପ୍ରତ୍ୟେକ ରାଜ୍ୟରେ ଏହାର ନାମ ଏବଂ ପାଳନ ବିଧି ଭିନ୍ନ ପ୍ରକାର ହୋଇଥାଏ । କେରଳ ଏବଂ କର୍ଣ୍ଣାଟକରେ ଏହାକୁ କେବଳ ସଂକ୍ରାନ୍ତି କୁହାଯାଏ । ତାମିଲନାଡ୍ରୁ ଓ ଆନ୍ଧ୍ରରେ ଏହା ପୋଙ୍ଗଲ୍ ପର୍ବ ଭାବରେ ପାଳନ କରାଯାଇଥାଏ । ପଞ୍ଜାବ ଓ ହରିୟାଣାରେ ଏହି ଅବସରରେ ନୂଆ ଫସଲକୁ ସ୍ୱାଗତ କରିବା ସହ ଉତ୍ସବ ମନାଯାଏ । ଠିକ୍ ଏହାର ଗୋଟିଏ ଦିନ ପୂର୍ବରୁ ଏହି ସବୁ ଅଞ୍ଚଳରେ ଏହାକୁ ଲୋହଡ଼ି ପର୍ବ ଭାବେ ପାଳନ କରାଯାଏ । ଆସାମରେ ଏହି ପର୍ବ ବିହୁ ଭାବେ ପାଳିତ ହୁଏ । ଉତ୍ତର ଭାରତରେ ଗୁଡ଼ ଏବଂ ଘିଅ ସହିତ ଖେଚୁଡ଼ି କରାଯାଇଥାଏ । ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଦହିଚୂଡ଼ା ଖାଇବା ଏବଂ ଅନ୍ୟକୁ ପ୍ରଦାନ କରାଯିବାର ବିଧି ରହିଛି । କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ, ଆସାମ, ବଙ୍ଗଳା ଓ ଓଡ଼ିଶା ପ୍ରଭୃତି ସ୍ଥାନରେ କୃଷକମାନେ ମକର ପର୍ବକୁ ଦୁଇଦିନ ବା ତିନିଦିନ ପାଳନ କରିଥା'ନ୍ତି । ଦକ୍ଷିଣ ଭାରତରେ ଏହା ପୋଙ୍ଗଲ ଓ ଅନ୍ୟାନ୍ୟ ସ୍ଥାନରେ ଭୋଗୀ ପର୍ବ ଭାବେ ପରିଚିତ । ଏହିଦିନଠାରୁ ଦକ୍ଷିଣରେ ନୂଆବର୍ଷ ଆରମ୍ଭ ହୋଇଥାଏ । ଏହିପର୍ବଟିକୁ ଦାକ୍ଷିଣାତ୍ୟରେ ତିନିଦିନ ଧରି ପାଳନ କରାଯାଇଥାଏ ।

### ସ୍ନାନ ଓ ଦାନର ମହତ୍ତ୍ୱ

ମକର ସଂକ୍ରାନ୍ତିର ଶୁଭ ମୁହୂର୍ତ୍ତରେ ସ୍ନାନ ଓ ଦାନର ବିଶେଷ ମହତ୍ତ୍ୱ ରହିଛି । ଏହିଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟକଳାପ କରିବା ଦ୍ୱାରା ବିଶେଷ ଫଳ ପ୍ରାପ୍ତି ହୋଇଥାଏ । ଶୁଦ୍ଧ ଘିଅ ଅବା କମ୍ବଳ ଦାନ କଲେ ମୋକ୍ଷ ପ୍ରାପ୍ତି ହୁଏ । ଗୁଡ଼ ଓ ତେଲ ଲଗାଇ ଏହିଦିନ ନଦୀରେ ସ୍ନାନ କରି ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କଲେ ସୂର୍ଯ୍ୟଙ୍କର ବିଶେଷ କୃପା ମିଳେ । ମକର ସଂକ୍ରାନ୍ତିର ପୁଣ୍ୟକାଳରେ ପ୍ରତ୍ୟୁଷରୁ ନଦୀ, ପୋଖରୀ ଆଦିରେ ସ୍ନାନାଦି କାର୍ଯ୍ୟ ସମାପନ କରି ସୂର୍ଯ୍ୟଙ୍କୁ ଦର୍ଶନ କଲେ, ସକଳ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି । ତେଣୁ କେଉଁ ଆବହମାନ କାଳରୁ ସରୋବର, ନଦୀ ତଟ, ମହୋଦଧି ତୀର ପ୍ରଭୃତି ପବିତ୍ର ସ୍ଥାନମାନଙ୍କରେ ମକର ମେଳା, ସାଧୁସଙ୍ଗ ଓ ମହୋତ୍ସବର ପରମ୍ପରା ଚାଲିଆସିଛି । ଏହି ଦିନ ପ୍ରସିଦ୍ଧ ଗଙ୍ଗାସାଗରଠାରେ ଏକ ବିରାଟ ମେଳା ହୁଏ । ପୁଣ୍ୟଲାଭ ଆଶାରେ ଏହି ଦିନ ଅନେକ ଧାର୍ମିକ ଲୋକ ଗଙ୍ଗାସାଗରରେ ବୁଡ଼ ପକାଇଥାନ୍ତି । ବିଶ୍ୱାସ କରାଯାଏ, ଏହି କାଳ ମଧ୍ୟରେ ମୃତ୍ୟୁବରଣ କରୁଥିବା ମନୁଷ୍ୟ ବିଷ୍ଣୁଲୋକରେ ସ୍ଥାନ ପାଇଥାଏ । ଏହି ପବିତ୍ର ଦିନରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ 'ଉତ୍ତରାୟଣ ଯାତ୍ରା' ବା ମକର ସଂକ୍ରାନ୍ତି ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ ।

### କ'ଣ ରହିଛି ବିଶ୍ୱାସ

ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୁଏ । ଏହି ସମୟରେ ଅଭୀଷ୍ଟ ସିଦ୍ଧି ପାଇଁ ସୂର୍ଯ୍ୟ ଉପାସନ କରାଯାଏ । ଓଡ଼ିଆ ପ୍ରବାଦ ଅନୁଯାୟୀ 'ମକରଠାରୁ ଦିନ ବକର ହୁଏ', ଅର୍ଥାତ ଏହି ଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ । ସୂର୍ଯ୍ୟଙ୍କର ତେଜ ମଧ୍ୟ ଏହି ଦିନଠାରୁ ପ୍ରଖର ହୁଏ । ଦେବୀ ସଂକ୍ରାନ୍ତି ଏହି ତିଥିରେ ଶଙ୍କରାସୁରକୁ ବଧ କରିଥିଲେ । ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁମାନଙ୍କର ପରଲୋକ ହୁଏ, ସେମାନଙ୍କୁ ସ୍ୱର୍ଗଲୋକ ପ୍ରାପ୍ତ ହୁଏ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି । ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉଥିବାରୁ ଆଲୋକ ଏବଂ ଜୀବନର ଉତ୍ସ ସୂର୍ଯ୍ୟଙ୍କୁ ହିନ୍ଦୁମାନେ ଏହିଦିନ ପୂଜାର୍ଚ୍ଚନା କରନ୍ତି । ଆଉ କେତେକ ସ୍ଥାନରେ ଏହି ଦିନ ଶିବଙ୍କୁ ପୂଜା କରାଯାଏ । କେତେକ ଏହି ଦିନ ଉଭୟ ଶିବ ଓ ସୂର୍ଯ୍ୟଙ୍କୁ ପୂଜା କରନ୍ତି ।



### ପ୍ରସ୍ତୁତ ହୁଏ ମକର ଚାଉଳ

ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆଫସଲ ଅମଳ ହୋଇଥାଏ । ତେଣୁ ସେଦିନ ନୂଆ ଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ, କ୍ଷୀର ଇତ୍ୟାଦି ଗୋଳିଆ ଗୋଟିଏ ସୁମିଷ୍ଟ ଭୋଗ ପ୍ରସ୍ତୁତ କରି ଗୃହଦେବତାଙ୍କୁ ଓ ଧାନଖଳାରେ ଭୋଗ ଲଗାଯାଏ । ଏହି ଭୋଗ 'ମକର ଚାଉଳ' ଭାବେ ପରିଚିତ । ଏହି ଭୋଗ ଖିଆଖେଇ ହୋଇ ଲୋକେ 'ମକର' ବସନ୍ତି । କେତେକ ଅଞ୍ଚଳରେ ନୂଆଧାନର ଚାଉଳରେ ପ୍ରସ୍ତୁତ ପୋଡ଼ପିଠା ସହିତ ଗୁଡ, କଦଳୀ, ନଡ଼ିଆ ଓ ଅରୁଆଚାଉଳରେ ଭୋଗ କରାଯାଇ ଦେବାଦେବୀଙ୍କ ପାଖରେ ଦିଆଯାଏ । ସୂର୍ଯ୍ୟଙ୍କ ଯୋଗୁଁ କୃଷିକ୍ଷେତରେ ଶସ୍ୟ ଉତ୍ପନ୍ନ ହେଉଥିବାରୁ କୃଷକମାନେ ମକରସଂକ୍ରାନ୍ତିର ପୂଣ୍ୟକାଳରେ ସୂର୍ଯ୍ୟଙ୍କୁ ନୂତନ ଶସ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥା'ନ୍ତି ।

### ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି

ମକର ସଂକ୍ରାନ୍ତି ଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ରୀତିନୀତି କରାଯାଇଥାଏ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳ ଆଳତି ଓ ଅବକାଶ ନୀତି ସରିବା ପରେ ଶ୍ରୀଜିଉମାନଙ୍କର ଫୁଟା ପହରଣ ଲାଗି କରାଯାଇଥାଏ । ସକାଳ ଧୂପ ପରେ ମଇଲମ କରାଯାଇ ପରେ ତ୍ରିମୁଣ୍ଡିରେ ମକରଚୂଳ ଲାଗି ହୋଇଥାଏ । ଏହାପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହମାନଙ୍କୁ ବେଶ କରାଯାଏ । ଏହାପରେ ନୂଆଲୁଗା ଲାଗି ହୋଇ ଶ୍ରୀଜୀଉମାନଙ୍କୁ ୬ ମୂର୍ତ୍ତି ଅଳଙ୍କାରରେ ମଣ୍ଡିତ କରାଯାଇଥାଏ । ଏହାକୁ ମକରବେଶ କୁହାଯାଏ । ଏହିଦିନ ଠାକୁରମାନଙ୍କ ନିକଟରେ ମକରଚାଉଳ ଭୋଗ କରାଯାଏ । ଏଥିସହିତ ୮୪ ପ୍ରକାରର ପିଠା ଭୋଗ ଲାଗିଥାଏ । ଏହାକୁ ମକର ଚଉରାଶି ଭୋଗ ବୋଲି କୁହାଯାଏ । ତେବେ ହିନ୍ଦୁ ଧର୍ମ ବିଶ୍ୱାସ ଅନୁସାରେ,ଏହି ମକର ସଂକ୍ରାନ୍ତି ଦିନ ଯେଉଁ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରି ବିଧିପୂର୍ବକ ବେଢ଼ା ପ୍ରଦକ୍ଷିଣ କରନ୍ତି, ସେମାନେ ପୁଣ୍ୟଲାଭ ସହିତ ମୁକ୍ତିଲାଭ କରିଥାଆନ୍ତି ।

### ଆଦିବାସୀଙ୍କ ମକରପର୍ବ

ଓଡ଼ିଶାର ଉତ୍ତରାଞ୍ଚଳରେ, ବିଶେଷତଃ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଆଦିବାସୀମାନଙ୍କର ମକରଯାତ୍ରା ଏକ ପ୍ରଧାନ ପର୍ବ । ଏହି ଅଞ୍ଚଳରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟର ଲୋକେ ଏହି ପର୍ବକୁ ଟୁସୁ ପରବ ରୂପେ ପାଳନ କରିଥା'ନ୍ତି । ମକର ସଂକ୍ରାନ୍ତିର ପୂର୍ବରୁ ଓ ପରେ ସମସ୍ତଙ୍କ ଘରେ ଭିନ୍ନଭିନ୍ନ ପ୍ରକାର ବ୍ୟଞ୍ଜନ ବିଭିନ୍ନ ଦିନରେ ହୋଇଥାଏ । ଏହି ପର୍ବରେ ସମସ୍ତେ ନୂଆବସ୍ତ୍ର ପରିଧାନ କରନ୍ତି । ନାଚଗୀତ ଓ ଭୋଜିଭାତରେ ମାଧ୍ୟମରେ ଏହିପର୍ବକୁ ମହା ଆନନ୍ଦରେ ଆଦିବାସୀମାନେ ପାଳନ କରିଥା'ନ୍ତ । ମକର ପର୍ବର ଟୁସୁଗୀତ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଓଡ଼ିଶାର ସମତଳ ଅଞ୍ଚଳ ଅପେକ୍ଷା ମାଳ ଅଞ୍ଚଳରେ ମକର ଯାତ୍ରା ବଡ଼ ଜାକଜମକରେ ଦୀର୍ଘଦିନ ଧରି ପାଳନ କରାଯାଏ । ପ୍ରାୟ ପ୍ରତ୍ୟେକ ଆଦିବାସୀ ଗୋଷ୍ଠି ଏହି ପର୍ବ ପାଳନ କରନ୍ତି । ଏହି ସମୟରେ ଆଦିବାସୀ ଅଞ୍ଚଳଗୁଡିକ ଯାତ୍ରା ମେଳଣର ଆମୋଦପ୍ରମୋଦରେ ଜୀବନ୍ତ ହୋଇଉଠେ । ସେମାନଙ୍କ ପରମ୍ପରାରେ ମକରଯାତ୍ରା ଏକ ସ୍ନେହ, ପ୍ରେମ ଓ ସଦ୍ଭାବନାର ମହୋତ୍ସବ ।

### ଗୁଡ଼ି ଉଡା ପ୍ରତିଯୋଗିତା

ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ବିଭିନ୍ନ ସ୍ଥାନରେ ମକର ମେଳା ଆୟୋଜିତ ହୋଇଥାଏ । ଏହି ଦିନ ଅନେକ ସ୍ଥାନରେ ଗୁଡ଼ି ଉଡା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଏ । ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୁଏ । ଏହି ସମୟରେ ଅଭିଷ୍ଟ ସିଦ୍ଧି ପାଇଁ ସୂର୍ଯ୍ୟ ଉପାସନା କରାଯାଏ ।



Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com
Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ